ଶ୍ରୀ ରାଧାକୃଷ୍ଣ ଲୀଳା ନିର୍ଣ୍ଣିତ

ନବୋତ୍କଣ୍ଠା ନାଟକ

ଶ୍ରୀ [illegible] ଙ୍କ [illegible] ଦ୍ୱାରା ପ୍ରକାଶିତ

ଓ

ଶ୍ରୀ ଶ୍ରୀ [illegible] ଦ୍ୱାରା ଅଭିନୀତ ।

ନାହଂ ବସାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ
"ମଦ୍ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ"

Printed by S. B. Rath
At the ASHA Press,
BERHAMPUR.
1928

ସମସ୍ତ ସ୍ୱତ୍ୱ ରକ୍ଷିତ ।

ମୂଲ୍ୟ , ଠ ୦ ।/ [illegible]

ନିବେଦନ

ମର୍ତ୍ତ୍ୟ ଗୋଲୋକ ଶ୍ରୀ ବୃନ୍ଦାବନରୁ [illegible]ମାଧୁରୀ ସଚ୍ଚିଦା-ନନ୍ଦ ବ୍ରହ୍ମ ଶ୍ରୀକୃଷ୍ଣ ଚୈତନ୍ୟ [illegible] ଅଲୌକିକ, ଅପ୍ରକଟ ଲୀଳାମାଧୁରୀ ସ୍ୱୟଂ [illegible]-ଚର; ବ୍ରହ୍ମର୍ଷି ଓ [illegible] ଅପ୍ରମେୟ ପ୍ରେମ ମାଧୁରୀର ସନ୍ଦର୍ଶନ ଅନୁଭବ ନିମନ୍ତେ ଅନବରତ ଅଷ୍ଟାଙ୍ଗ ଯୋଗରେ ସେହି ପରମ ତତ୍ତ୍ୱଙ୍କ ଧ୍ୟାନରେ ନିରତ ରହିଥାନ୍ତି । ଅପାର କରୁଣା ନିଦାନ, ପୂର୍ଣ୍ଣବ୍ରହ୍ମ, କଳିପାବନାବତାର ଶ୍ରୀ ଗୌର ଭଗବାନ ଅବତୀର୍ଣ୍ଣ ହୋଇ ସେହି ଦୁର୍ଲଭ ଜୀବନୌଷଧ, ଅମୃତମୟ ଜୀବବାଞ୍ଛିତ ସଞ୍ଜୀବନୀ ଦୁର୍ବନ, କଳିହତ ଜୀବମାନଙ୍କ ମଧ୍ୟରେ ଅକାତରେ ବିତରଣ କରିଗଲେ । କିନ୍ତୁ ହତଭାଗ୍ୟ ଜୀବଗଣ ସେହି ମହାଦାନ ଗ୍ରହଣରେ ଅସମର୍ଥ ହେବାରୁ ପୂଜ୍ୟପାଦ, ଭକ୍ତାବତାର ରୂପସନାତନାଦି ଷଡ଼ ଗୋସ୍ୱାମିଗଣ ଭଗବଦା-ଦେଶ କ୍ରମେ ଜ୍ଞାନ ଓ ପ୍ରେମ ଗର୍ଭକ ଅସଂଖ୍ୟ ଗ୍ରନ୍ଥ ପ୍ରଣୟନାଦି ବିବିଧ ଉପାୟରେ ସେହି ଅପ୍ରକଟ ପ୍ରେମ ମାଧୁରୀର ସର୍ବସ୍ୱ ପ୍ରଚାର, ସେହି ନିଗୂଢ଼ ତତ୍ତ୍ୱର ସରଳ ପ୍ରକାଶ ଏବଂ ସେହି ସର୍ବସାର ଧର୍ମ ମାର୍ଗର ସଦ୍‌ପନ୍ଥା ପ୍ରଦର୍ଶନ କରାଇ ନିଖିଳ ଜୀବମାନଙ୍କ ଉଦ୍ଧାର ସାଧନ କଲେ । ସେହି ପନ୍ଥା ଅନୁସରଣ କରି ଅନେକ ଉତ୍କଳୀୟ ଭାଗ୍ୟବାନ୍ ଭକ୍ତଗଣ ଭକ୍ତି ଅପ୍ର-ମେୟ ପ୍ରେମଲୀଳା ମାଧୁରୀ ବିବିଧ ଛନ୍ଦବନ୍ଧରେ ନିବଦ୍ଧ ଗୀତ ଚୌପଦୀ ପ୍ରଭୃତି ଅନେକ ସୁଶ୍ରାବ୍ୟ କାବ୍ୟ ରଚନା କରିଅଛନ୍ତି । କିନ୍ତୁ ଏତାଦୃଶ୍ୟ ସୁଧାମୟ, ଜୀବବାଞ୍ଛିତ ଚରିତ ନେଇ

Digitized by srujanika@gmail.com

ଓଡ଼ିଆ ଭାଷାରେ ଦୃଶ୍ୟ କାବ୍ୟ ରଚିତ ଓ ଜନସମାଜରେ ପ୍ରଚଳିତ ହେବା ଏକାନ୍ତ ବାଞ୍ଛନୀୟ ମଣି କେତେକ ବନ୍ଧୁ ଉକ୍ତ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଯଥାସାଧ୍ୟ ଚେଷ୍ଟା କରିବା ନିମନ୍ତେ ଅନ୍ୟ କେତେକଙ୍କ ସଙ୍ଗେ ମୋତେ, ଯାର ଭାଷାରେ ଅଧିକାର ନାହିଁ, ଭକ୍ତଗ୍ରନ୍ଥାଦିରେ ପ୍ରବେଶ ନାହିଁ, ଶ୍ରୀକୃଷ୍ଣ ପ୍ରେମ କି ପଦାର୍ଥ ଜାଣେନାହିଁ, ସେହି ଭଜନ ସାଧନ ହୀନ ଅଧମାଧମକୁ ନିର୍ବାଚନ କଲେ । ମୋପରି ଅଭକ୍ତ, ଅସମର୍ଥର ଲେଖା ବିବିଧ ଲୌକିକ ଦୋଷରେ କଳୁଷିତ ହୋଇ ଜନସାଧାରଣଙ୍କ ଅଗ୍ରାହ୍ୟ ଓ ବିରକ୍ତିକର ହେବା ହେତୁରେ ପ୍ରଥମେ ମୁଁ ଏହି ଅନଧିକାର ଚର୍ଚ୍ଚାରେ ହସ୍ତକ୍ଷେପ କରି ନଥିଲି । ପରେ ଶାସ୍ତ୍ର ବାକ୍ୟ ମନେ ପଡ଼ିଲା, —

ସାଙ୍କେତ୍ୟଂ ପାରିହାସ୍ୟଂ ବା ସ୍ତୋଭଂ ହେଲନମେବ ବା
ବୈକୁଣ୍ଠ ନାମ ଗ୍ରହଣ-ମଶେଷାଘ ହରଂ ବିଦୁଃ ।।

ସଙ୍କେତ, ପରିହାସ, ଅଗୌରବ କିମ୍ବା ହେଳା ଯେ କୌଣସି ପ୍ରକାରରେ ହେଉ ଭଗବାନଙ୍କ ନାମ ବା ଲୀଳା କୀର୍ତ୍ତନ କଲେ ସକଳ କଳୁଷରାଶି ଧୌତ ହୋଇଯାଏ । ଏହି ଭରସାରେ ପୂର୍ବୋକ୍ତ କବିଗଣ ଯାହା ମନୋମୁଗ୍ଧକର ଭାଷାରେ ବ୍ୟକ୍ତ କରିଛନ୍ତି, ସେଥିରୁ କିଛି କିଛି ଅଂଶ ନେଇ ଚର୍ବିତ ଚର୍ବଣ ପ୍ରାୟ ଯେନତେନ ପ୍ରକାରେ ଶ୍ରେଷ୍ଠ ଶ୍ରେଷ୍ଠ ନାଟକ ଲିପିବଦ୍ଧ କଲି । ପରେ ମୋର ପୂଜନୀୟ ପିତୃବ୍ୟ ଅଟନ୍ତା ପରଗ୍ରହଙ୍କ ଅଶ୍ରାନ୍ତ ପରିଶ୍ରମ ଏବଂ ଅନ୍ୟାନ୍ୟ ବନ୍ଧୁମାନଙ୍କ ସମ୍ପୂର୍ଣ୍ଣ ଆନୁକୂଲ୍ୟରେ

Digitized by srujanika@gmail.com

ଇଷ୍ଟଦେବ ଶ୍ରୀ ରସିକରାଜଙ୍କ ମନ୍ଦିରରେ ଶ୍ରାବଣ ବାହୁଡ଼ ଝୁଲଣ ଉତ୍ସବ ଆରମ୍ଭ ହୋଇ ସେହି ଉତ୍ସବ ଉପଲକ୍ଷରେ ଏ ଗୁଡ଼ିକ ଅଭିନୀତ ହେଲା । ପାରଳାର ଭକ୍ତମଣ୍ଡଳୀ, ସର୍ବୋପରି ପରମ-ସମ୍ମାନାସ୍ପଦ, ସ୍ୱନାମ ଧନ୍ୟ ପାରଳାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ ମହାରାଜା ମହୋଦୟ ଏହାର ଅଭି-ନୟ ଦର୍ଶନରେ ଆଶାତୀତ ସନ୍ତୋଷ ପ୍ରକାଶ କରିଥିଲେ । ପରେ ଗଞ୍ଜାମ ଏବଂ ଓଡ଼ିଶାର ଅନେକ ସ୍ଥାନରେ ଏ ଗୁଡ଼ିକ ଅଭିନୀତ ଓ ପ୍ରଶଂସିତ ହେବା ଦେଖି ବନ୍ଧୁମାନଙ୍କ ସବିଶେଷ ଅନୁରୋଧରେ ସେଗୁଡ଼ିକ ମଧ୍ୟରୁ ଏହି ନବୋତ୍କଣ୍ଠା ନାଟକଟି ପ୍ରକାଶ କରିବାକୁ ସାହସୀ ହୋଇଅଛି । ଉତ୍କଳୀୟ ପାଠକଗଣ ଏହାକୁ ଶାଳଗ୍ରାମ-ଶିଳାକ୍ଷାଳିତ କୂପ ଜଳର ପବିତ୍ରତା ଦୃଷ୍ଟିରେ ଗ୍ରହଣ କଲେ ନିଜକୁ କୃତାର୍ଥ ମଣି ଅନ୍ୟାନ୍ୟ ନାଟକଗୁଡ଼ିକ କ୍ରମରେ ପ୍ରକାଶ କରିବା ବାସନା ରଖିଅଛି ।

ବିନୀତ
ସିଦ୍ଧାନ୍ତ ଦରଗୁ

ପାତ୍ର ଓ ପାତ୍ରୀମାନଙ୍କ ପରିଚୟ

ପୁରୁଷଗଣ —

ଶ୍ରୀକୃଷ୍ଣ — ସର୍ବ କାରଣର କାରଣ ପୁରୁଷୋତ୍ତମ ଭଗବାନ ରସନିର୍ଯ୍ୟାସ ଆସ୍ୱାଦନ ଓ ଜୀବପ୍ରତି କରୁଣା ପ୍ରଦର୍ଶନାର୍ଥ ଗୋପରାଜ ନନ୍ଦନନ୍ଦନ ରୂପେ ବ୍ରଜରେ ପ୍ରେମଲୀଳା ବିହାରୀ। ନବମ ବର୍ଷୀୟ ନବକିଶୋର, ମେଘଶ୍ୟାମ କାନ୍ତି, ପୀତ ବସନ, ବନମାଳା ଓ ନାନାରତ୍ନ ବିଭୂଷିତ।

ଅଭିମନ୍ୟୁ — ବ୍ରଜର ଜଣେ ସମ୍ଭ୍ରାନ୍ତ ଗୋପ ତନୟ [ମାତା ଜଟିଳା, ଶ୍ରୀରାଧାଙ୍କ ମାୟିକ ପତି]

ମଧୁମଙ୍ଗଳ — ଶ୍ରୀକୃଷ୍ଣଙ୍କ ନର୍ମସଖା ଓ ବିଦୂଷକ, ଈଷତ୍ ଶ୍ୟାମବର୍ଣ୍ଣ, ଶ୍ୱେତବସନ ଓ ବନମାଳା ବିଭୂଷିତ। ଅବନ୍ତୀପୁର ନିବାସୀ ଦ୍ୱିଜୋତ୍ତମ ସାନ୍ଦୀପନି ମୁନିଙ୍କ ପୁତ୍ର। ବ୍ରଜରେ ପିତାମହୀ ଭଗବତୀ ପୌର୍ଣ୍ଣମାସୀ ଦେବୀଙ୍କ ପରିଚର୍ଯ୍ୟାରେ ନିଯୁକ୍ତ।

ନାରଦ — ଦେବର୍ଷି, ନିତ୍ୟ ଷୋଡ଼ଶ ବର୍ଷୀୟ, ଶୁକ୍ଳବର୍ଣ୍ଣ, ପୀତ ଜଟାଧର, ସୁବର୍ଣ୍ଣ ଯଜ୍ଞୋପବୀତ, କୃଷ୍ଣମୃଗଚର୍ମ ପରିହିତ, ମଞ୍ଜୁମେଖଳା ଶୋଭିତ, ବୀଣା ଓ ଅକ୍ଷମାଳାଧର, ସତତ କୃଷ୍ଣ-କୀର୍ତ୍ତନ ପରାୟଣ।

ସ୍ତ୍ରୀଗଣ —

ଶ୍ରୀରାଧା — ଶ୍ରୀକୃଷ୍ଣଙ୍କ ଆହ୍ଲାଦିନୀ ଶକ୍ତିର ଲୀଳା ବିଗ୍ରହ ବୃଷଭାନୁ ଗୋପେନ୍ଦ୍ରଙ୍କ କନ୍ୟା ରୂପେ ଅବତୀର୍ଣ୍ଣା, ସର୍ବକାନ୍ତା ଶିରୋମଣି, ଅଷ୍ଟମବର୍ଷୀୟା କିଶୋରୀ, ତରଳକାଞ୍ଚନବର୍ଣ୍ଣା, ନୀଳବସନା, ନାନା ମଣିମୁକ୍ତା ବିଭୂଷିତା ସର୍ବାଙ୍ଗସୁନ୍ଦରୀ। ମାୟିକ ପତି-ଅଭିମନ୍ୟୁ।

Digitized by srujanika@gmail.com

ଲଳିତା — ଶ୍ରୀରାଧାଙ୍କ ଅଷ୍ଟପ୍ରିୟସଖୀମଧ୍ୟରେ ସର୍ବଶ୍ରେଷ୍ଠା, ଶ୍ରୀରାଧାଙ୍କଠାରୁ ଦିନକରେ ଜ୍ୟେଷ୍ଠା । ଅଙ୍ଗକାନ୍ତି ଗୋରୋଚନା ଏବଂ ବସ୍ତ୍ର ମୟୂରପିଚ୍ଛବର୍ଣ୍ଣ । ପିତା-ବିଶୋକ, ମାତା-ଶାରଦା, ପତି-ଭୈରବ ।

ବିଶାଖା — ଶ୍ରୀରାଧାଙ୍କ ସମବୟସୀ । ଅଙ୍ଗକାନ୍ତି-ସୌଦାମିନୀ, ବସନ-ନକ୍ଷତ୍ରମଣ୍ଡିତ ଆକାଶମଣ୍ଡଳ ପ୍ରାୟ, ପିତା-ପାବନ, ମାତା-ପୁଷ୍ଟି, ମାୟିକ ପତି ବାହ୍ଲିକ ।

ବୃନ୍ଦା — ଶ୍ରୀରାଧାଙ୍କ ସଖୀ ଓ ଦୂତୀ, ଭଗବତୀ ପୌର୍ଣ୍ଣମାସୀଙ୍କ ଶିଷ୍ୟା, ବୃନ୍ଦାବନର ଅଧିଷ୍ଠାତ୍ରୀ ବନଦେବୀ । ମନୋହର ତପ୍ତକାଞ୍ଚନବର୍ଣ୍ଣା, ନୀଳବସନା କଟିଶାଳୀ । ପିତା-ଚନ୍ଦ୍ରଭାନୁ, ମାତା-ଫୁଲ୍ଲରା, ପତି-ମହୀପାଳ ।

କୁଟିଳା — ସାଧାରଣ ଗୋପ ରମଣୀ ପ୍ରାୟ ବେଶଭୂଷା । ଅଭିମନ୍ୟୁଙ୍କ କନିଷ୍ଠ ଭଗ୍ନୀ । ଶ୍ରୀରାଧାଙ୍କ ମାୟିକ ନଣନ୍ଦ, ମାତା-ଜଟିଳା, ପତି ପ୍ରଦ୍ୟୁମ୍ନ ।

ପୌର୍ଣ୍ଣମାସୀ — କଷାୟ ବସନା, ଶୁକ୍ଳକେଶା, ଗୌରାଙ୍ଗୀ । ଅବନ୍ତୀପୁର ନିବାସୀ ସାନ୍ଦୀପନିଙ୍କ ମାତା, ସର୍ବଦା ଶ୍ରୀରାଧାକୃଷ୍ଣ ମିଳନ ସମ୍ପାଦନାର୍ଥ ବ୍ରଜବାସିନୀ, ସର୍ବସିଦ୍ଧି ବିଧାୟିନୀ, ବ୍ରଜବାସୀଙ୍କ ମାନନୀୟା ।

ମଞ୍ଜରୀ ଓ ଦାସୀଗଣ ଇତ୍ୟାଦି ।

—•○•—

Digitized by srujanika@gmail.com

ମଙ୍ଗଳା ଚରଣ

—୦—

[illegible] ପଦ ଶ୍ରୀମ ଭକ୍ତବୃନ୍ଦ ସମନ୍ୱିତଂ ।
ଶ୍ରୀଚୈତନ୍ୟ [illegible] ବୃନ୍ଦାବନ ସନ୍ନିଧାନଂ ॥
[illegible] ଲଲିତା [illegible] ଶ୍ରୀକୃଷ୍ଣଂ ।
ଗୋପୀଜନ [illegible] ବୃନ୍ଦାବନ ମନୋହରଂ ॥

ରାଗ — ଶଙ୍କରାଭରଣ ତାଳ: ଆଦି ।

ବନ୍ଦେ ବୃନ୍ଦାବନ ବିପିନ ବିହାରି
ଦେହ ଶ୍ୟାମଳ ସୁନ୍ଦର ଗୌର ଦେହ ।   ବନ୍ଦେ ।
— ନିଜ ନବୋଦ୍ଭବ ଚପଳ ଚରିତ
କୁସୁମ କୁଣ୍ଡଳେ ପିଞ୍ଛ ବିଲୋଳନ
ଶ୍ରୀ ପଦ ପଙ୍କଜେ ନୂପୁର ନାଦିତ
ମଞ୍ଜୁଳ ସୁମନ୍ଦ୍ର ବଂଶୀଧାରୀ ହେ । ବନ୍ଦେ —।
— ଦେହ ପୁଲକିତ ନନ୍ଦ କୁମାର ।
ପ୍ରେମ ସୁଧାମୟ ରସ ଭଣ୍ଡାର
ରାଧା ବଦନ ଚନ୍ଦ୍ର ଚକୋର
ଗୋପୀ ମାନସ କ୍ଷୁଣ୍ଣ ନାଶ ହେ । ବନ୍ଦେ —।

Digitized by srujanika@gmail.com

ଶ୍ରୀ ରସିକରାଜ ଶରଣ

ନବୋତ୍କଣ୍ଠା ନାଟକ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

[ପୂର୍ବାହ୍ନ ପ୍ରଥମ ପ୍ରହରର ଶେଷ ଭାଗରେ ବୃନ୍ଦା ଓ ଲଳିତା କଥାବାର୍ତ୍ତା କରୁ କରୁ ବୃନ୍ଦାବନର ଉପକଣ୍ଠରେ ଆସି ଉପନୀତ ହେଲେ । ଉଭୟଙ୍କ ମୁଖ ଉଦ୍‌ବେଗ ବ୍ୟଞ୍ଜକ]

ଲଳିତା—(କାତରରେ) ହାୟ ! କେବେ କି ହେବ ବୃନ୍ଦେ ? ଶ୍ରୀମତୀଙ୍କ ଅଙ୍ଗର ଦୁରବସ୍ଥା ଦେଖିଲେ ତ ମୋର ହୃଦୟ ଏକାବେଳକେ ବିଦୀର୍ଣ୍ଣ ହୋଇଯାଏ । ନାଗର ନନ୍ଦନ ମିଳନ କରାଇ ଦେବା ଉଚିତ ନଥିଲା । ବର୍ତ୍ତମାନ ଶ୍ରୀମତୀ ଚତୁର ଅବସ୍ଥାକୁ ଲଭିଲେଣି, ଏଥିରେ ଏହାର ପରିଣାମ କଣ ହେବ ଭାବି ମୋର ହୃଦୟ ଭୟରେ କମ୍ପୁଛି ।—

ରାଗ-ତୋଡ଼ି, ତାଳ—ରୂପକ ।

କି ହେବ ପ୍ରାଣ ସଖୀ ଘେନ
କହ ବୃନ୍ଦେ ବିନୋଦିନୀ । ଘୋଷା ।
ବ୍ରଜାଙ୍ଗନା ହୃଦମଣି
ହରାଇ ଶ୍ୟାମ କି ହେବେ ପାଗଳିନୀ । ଉପଘୋଷା

Digitized by srujanika@gmail.com

୧ମ ପଦ—ନାହିଁ ଅଙ୍ଗେ ସେ ମାଧୁରୀ
ଭୁବନ ଉନମାଦନକାରୀ;
ତେଜିଲେଣି ନଦୀଦ୍ୱାର,
ଅକାଳେ ମଉଳି ଯିବେ କି ନଳିନୀ । କି ହେବ —

ବୃନ୍ଦା—(ଚକିତ ମନେ) ଯଥାର୍ଥ ଲଳିତେ, ଏହାତ ଗୁରୁତର ଭାବନାର ବିଷୟ । ଥରେ ମାତ୍ର ମିଳନରେ ଏତେଦୂର ହେବ ବୋଲି, ଶ୍ୟାମପ୍ରେମ ଏତେ ଦୃଷ୍ଟି ଛଡ଼ା ବୋଲି କେ ଜାଣିଥିଲା ?

ଲଳିତା--ସଖି ! ଏତିକରେ କି ଏହି ବିଷୟ ଶେଷ ହେଲା ବୋଲି ଭାବୁଛ ? ଏ ତ ପ୍ରଥମ ମିଳନ ମାତ୍ର; ଏଥିରେ ତ ଏହା, ଆଉ ଥରେ ଦୁଇଥର ମିଳନ ହେଲେ କଣ ହେବ ଭବ ଦେଖ ।

ବୃନ୍ଦା—ତୁମେ ତାଙ୍କ ସଙ୍ଗେ କଥା ହୋଇଥିଲ କି ?

ଲଳିତା—କା ସଙ୍ଗେ କଥା ହେବ ବୃନ୍ଦେ ? ଶ୍ରୀମତୀଙ୍କ ସଙ୍ଗେ ? ଶ୍ରୀମତୀ କି ଆଉ ସେହି ଶ୍ରୀମତୀ ଅଛନ୍ତି ଯେ, ତାଙ୍କ ସଙ୍ଗେ କଥା ହେବେ ଉତ୍ତର ଦେବେ ? ବାହ୍ୟ ଜଗତ ପ୍ରତି ତାଙ୍କର ଲେଶମାତ୍ର ଦୃଷ୍ଟି ନାହିଁ ।

ବୃନ୍ଦା—(ଆଶ୍ଚର୍ଯ୍ୟ ଓ ଆଶଙ୍କାରେ) କଣ ! ଏତେ ଦୂର !! ତେବେ ତ ଭାରି ବିପଦ ଉପସ୍ଥିତ ! ଗୁରୁଜନ ଜାଣିଲେ ଗଞ୍ଜନାର ସୀମା ରହିବ ନାହିଁ; ସମବୟସୀ ପାଞ୍ଚଜଣ ଶୁଣିଲେ କ୍ଷଣକ ମଧ୍ୟରେ ଟିଗାପଯାକ କଳଙ୍କ ରଟିଯିବ

Digitized by srujanika@gmail.com

କେତେ ଲୋକ କେତେ କଥା କହିବେ ତାର ଠିକ
କଣ ?

ଲଳିତା—(ଆକୁଳରେ) ହାୟ ବୃନ୍ଦେ ! ତେବେ କ ହେବ ?
ଶ୍ରୀମତୀ ଆମ ଆଦରର ସାମଗ୍ରୀ, ପ୍ରାଣର ପ୍ରାଣ, ହୃଦୟର
ସର୍ବସ୍ୱ; ତାଙ୍କ ପ୍ରତି କଳଙ୍କାରୋପ—

(ସହସା ବିଶାଖା ଦୁଃଖିତ ମନେ ସେଠାରେ ଉପସ୍ଥିତ ହେଲେ)

ବିଶାଖା—(ବୃନ୍ଦା ଓ ଲଳିତାଙ୍କୁ ଦେଖି ସାହସ ପାଇ)ହେ ଚିତ !
ବୃନ୍ଦେ ! ଲଳିତାଙ୍କ ମୁଖରୁ ସମସ୍ତ ବିଷୟ ଶୁଣିଲ ତ ?

ବୃନ୍ଦା—ହଁ, ଶୁଣିଲି । ଏତେକ୍ଷଣ ସେହି ଭାବନାହିଁ ଭାବୁଥିଲି ।

ଲଳିତା—(ବିଶାଖାଙ୍କ ପ୍ରତି ଆତୁରରେ) ଏବେ ମଧ୍ୟ ସେହି
ପରି ଭାବ ହେଉଛି କି, ସଖି ?

ବିଶାଖା—(ନିରାଶାରେ) ସେହି ଭାବ ? କଣ କହିବି, ସଖି ?
ଦେଖୁ ଦେଖୁ ବିକାର କ୍ରମେ ବୃଦ୍ଧି ହେଲଣି । ସେ ଭା
ଗତି ଦେଖି ମୋର ଆଉ ଧୈର୍ଯ୍ୟ ରହୁ ନାହିଁ ।

ବୃନ୍ଦା—ବର୍ତ୍ତମାନ ସେ କଣ କରୁଛନ୍ତି, ବିଶାଖେ ?

ବିଶାଖା—କେତେବେଳେ କଣ କରୁଛନ୍ତି ବୋଲି କହିବି ?
ବିରଳରେ ଏକାକିନୀ ବସି କେତେବେଳେ ବେଣୀ
ଫିଟାଇ ମେଘପ୍ରତି ଅପଲକ ଦୃଷ୍ଟିରେ ଗୃହି ରହନ୍ତି;
କେତେବେଳେ ଚକ୍ଷୁ ମୁଦ୍ରିତ କରି କାର ଧ୍ୟାନରେ ନିମଗ୍ନ
ହୁଅନ୍ତି; କେତେବେଳେ ସ୍ଥିର ନେତ୍ରରେ ମେଘ ଆଡ଼େ

Digitized by srujanika@gmail.com

ତୁମ୍ଭେ ଆପଣାକୁ ଅପେ ନସୁଥାନ୍ତ; ବାହ୍ୟଜ୍ଞାନର ସମ୍ପୂର୍ଣ୍ଣ ଅଭାବ ।

ବୃନ୍ଦା—ତୁମମାନଙ୍କୁ ଦେଖିଲେ ମଧ୍ୟ ତାଙ୍କର ଜ୍ଞାନ ହେଉ ନାହିଁକି ସଖି ?

ଲଳିତା—(ବିଷାଦ ନିଶ୍ୱାସ ଛାଡ଼ି) କାହାକୁ ଦେଖିବେ ବୃନ୍ଦେ ? ତାଙ୍କ ଚକ୍ଷୁରେ କି ଆଉ ଦୃଷ୍ଟିଶକ୍ତି ଅଛି ? ହାୟ ! ସେଦିନର ସେହି ପ୍ରଣୟ-ଘଟିତ ଶୋଭାନ୍ୱିତ, ସରସ, ସୁନ୍ଦର, ଭାବୋଦ୍ଗାରପୂର୍ଣ୍ଣ ନୟନ ଯୁଗଳର ଲଜ୍ଜା-ନମ୍ର ଦୃଷ୍ଟି,— ଆଜିର ଏହି ନୈରାଶ୍ୟ-ବ୍ୟାକୁଳିତ ନୟନରେ ଅବିରଳ ଅଶ୍ରୁଧାର ଦେଖିଲେ କାହାର ହୃଦୟ ଫାଟି ନଯାଏ ବହୁଧାରେ ? ତାଙ୍କର ନୟନ, କର୍ଣ୍ଣ, ପ୍ରାଣ ଅନବରତ କୌଣସି ଏକ କଳ୍ପନା-ରାଜ୍ୟରେ ଯାଇ ଭ୍ରମଣ କରୁଛି; ଏହି ପାର୍ଥିବ ଜଗତ ପ୍ରତି ତାଙ୍କର କ୍ଷଣମାତ୍ର ଲକ୍ଷ୍ୟ ନାହିଁ । ଅମ୍ଭେମାନେ ତାଙ୍କ ନିକଟରେ ରହୁଛୁଁ, ତାହା ଦେଖି ସୁଦ୍ଧା ଦେଖିପାରୁ ନାହାନ୍ତି । ଆମ୍ଭେମାନେ ଏତେ ଡାକୁଛୁ, "ରାଧେ ! ରାଧେ ! ବୋଲି କର୍ଣ୍ଣ ନିକଟରେ ଏତେ ଚିତ୍କାର କରୁଛୁଁ, ସେସବୁ ତାଙ୍କ କାନରେ ସୁଦ୍ଧା ପଶୁ ନାହିଁ । କି ହେବ ବୃନ୍ଦେ ?

ବୃନ୍ଦା—(ଆଶ୍ଚର୍ଯ୍ୟରେ) ହାଁ ! ଏକାଦିନକେ ଏତେଦୂର ! !

ଲଳିତା—ସଖି ! ଆମର ସେହି ଲଜ୍ଜାବତୀ କନକଲତାଟି ଏତେ ଶୀଘ୍ର ଏପରି ବଦଳି ଯାଇଛନ୍ତି ଯେ, ତାହା ପ୍ରତ୍ୟକ୍ଷରେ ଦେଖିଲେ ମଧ୍ୟ ବିଶ୍ୱାସ ହେବ ନାହିଁ ।

Digitized by srujanika@gmail.com

ବିଶାଖା—(ଅନୁକୂଳରେ)

ଗଗ—ଶର ହରପ୍ରିୟା, ନାଳ-ରୂପ
କହେ କତ ପ୍ରାଣ ସହୁ,
ଆଜ ଏ ଯ ରାଧାକ ଦେଖିବୁ ନାହିଁ । ଘୋଷା ।
୧—ହୃଦ ହୃଏ ଦହୁ,   ଜୀବନେ ରହୁ
ସେ ଯାତନା ଅହା ନୂତନ ତ ସହୁ,
ଅଧା ବନ୍ଧ, ନ ଛଡ଼ନ୍ତି ଅଣି ଦେଲୁ ଭୁହ । କହ—

ବୃନ୍ଦା—(ସାନ୍ତ୍ୱନା ଦେଇ) ଛି ସଖି ! ଏକାବେଳକେ ଏତେ ହୁଏ ନିରାଶ ହୋଇ ଯାଅ ନାହିଁ ।—ଶାଶୁ, ନଣନ୍ଦ, ସ୍ୱାମୀ ଏକଥା ଜାଣିଲେଣି କି ?

ବିଶାଖା—ନା, ଆଜିଯାଏ ସେମାନେ ଜାଣିପାରି ନାହାନ୍ତି; କିନ୍ତୁ ଏପରି ଭାବ ଆଉ କିଛିକ୍ଷଣ ରହିଲେ, ସେମାନେ ସୁଦ୍ଧା ଜାଣିବାରେ ଅଳ ବିଳମ୍ବ ହେବ ନାହିଁ । ତେଣୁ ସେମାନେ ଜାଣିବା ପୂର୍ବରୁ କୌଣସି ଉପାୟ କଲେ ରକ୍ଷା ।

ଲଳିତା—ବିଶାଖେ ! ତୁମେ କି ବାତୁଳୀ ହେଲ ? ନିଶ୍ଚୟ ସେମାନେ କିଛି ନା କିଛି ସନ୍ଦେହ କଲେଣି; ନୋହିଲେ ଶ୍ରୀମତୀଙ୍କୁ ଏତେ ତର ତରରେ ବୃଷଭାନୁପୁରରୁ ଘେନ ଆସନ୍ତେ କାହିଁକି ?

ବୃନ୍ଦା—ଯଥାର୍ଥ ଲଳିତେ ! ତୁମର ଅନୁମାନ ମିଥ୍ୟା ନୁହେଁ ।

ବିଶାଖା—ଭଲ ବୃନ୍ଦେ ! ଏପରି ଅବସ୍ଥାରେ ତୁମେ ନ ଗଲେ ଏହାର ପ୍ରତିକାର ହେବ ନାହିଁ ।

Digitized by srujanika@gmail.com

ବୃନ୍ଦା—ଆଚ୍ଛା, ତୁମେମାନେ ଅଗ୍ର ଯାଅ, ମୁଁ ପରେ ଦେଖା ପୌର୍ଣ୍ଣମାସୀଙ୍କ ସହିତ ସାକ୍ଷାତ କରି ପଛେ ଆସୁଛି । ଏପରି ଅବସ୍ଥାରେ ତାଙ୍କ ଉପଦେଶ ବିନା ମୁଁ କୌଣସି କର୍ତ୍ତବ୍ୟ ସ୍ଥିର କରିପାରୁ ନାହିଁ ।

ଲଳିତା—ତେବେ ଯାଉ ଯଥା ଶୀଘ୍ର ଆସିବାର ଚେଷ୍ଟା କର, ନୋହିଲେ ସର୍ବନାଶ ଘଟିବ । (ବିଶାଖା ପ୍ରତି) ଆସ ବିଶାଖେ !

ବିଶାଖା—ଚାଲ ।

(ଏକ ଅଡେ ଲଳିତା ବିଶାଖା ଏବଂ ଅନ୍ୟ ଅଡ଼େ ବୃନ୍ଦା ଚକିତ ମନେ ପ୍ରସ୍ଥାନ କଲେ)

ଦ୍ୱିତୀୟ ଦୃଶ୍ୟ

(ବେଳା ଦ୍ୱିତୀୟ ପ୍ରହର, ବୃନ୍ଦାବନ ପ୍ରାନ୍ତସ୍ଥ ପୌର୍ଣ୍ଣମାସୀଙ୍କ କୁଟୀରରେ ବସି ପୌର୍ଣ୍ଣମାସୀ ଓ ବୃନ୍ଦା କଥୋପକଥନ କରୁଅଛନ୍ତି ।)

ପୌର୍ଣ୍ଣମାସୀ—(ସହାସେ) ଏଥିପାଇଁ ବ୍ୟାକୁଳ ହେବାର କୌଣସି କାରଣ ନାହିଁ । କୃଷ୍ଣ-ପ୍ରେମର ପ୍ରେମିକା ହେବାକୁ ହେଲେ, ଅନେକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ; ସେଥିରେ ପୁଣି ଶ୍ରୀମତୀଙ୍କର ପରକୀୟା ପ୍ରେମ । ଏଥିରେ ଅବଲୀଳା କ୍ରମେ ବିରହ, ଉତ୍କଣ୍ଠା, ଈର୍ଷା, ମାନ, ଏହି

Digitized by srujanika@gmail.com

ସମସ୍ତ ନ ଘଟିବା ଯାଏ ପରକୀୟା ପ୍ରେମର ଉନ୍ନତି ସାଧନ ହୋଇ ନପାରେ ।

ବୃନ୍ଦା — କିନ୍ତୁ ଦେବି ! ଶ୍ରୀମତୀଙ୍କ ଏହି ଭୟାବହ ଦୁରବସ୍ଥା ଦେଖିଲେ ତ ଧୈର୍ଯ୍ୟ ଧରି ରହିବା ସହଜସାଧ୍ୟ ନୁହେ । ଏହିକ୍ଷଣି ଲଳିତା ଓ ବିଶାଖାଙ୍କ ମୁଖରୁ ଯାହା ଶୁଣି ଆସିଲି, ସେଥିରେ ମୋର ଏହି ପାଷାଣ ହୃଦୟ ସୁଦ୍ଧା ଶିଥିଳ ହୋଇଯାଏ ।

ପୌର୍ଣ୍ଣମାସୀ — (ଅଳ୍ପ ହସି) ବୃନ୍ଦେ ! ଆଜ ତୁମ ମୁଖରେ ଏକ କଥା ଶୁଣୁଛି ! ତୁମ ହୃଦୟରେ ଏକ ଦୁର୍ବଳତା ଦେଖୁଛି !! ତୁମେ ଏହି ପୌର୍ଣ୍ଣମାସୀର ଶିଷ୍ୟ; ତୁମ ଦ୍ୱାରା ମୁଁ କେତେ କାର୍ଯ୍ୟ କରାଇବି ବୋଲି ଆଶା କରୁଛି । ଶ୍ରୀମତୀଙ୍କର ବ୍ୟାକୁଳତାର ଏହା ଆରମ୍ଭ ମାତ୍ର, ଏଥିରେ ଯଦି ତୁମେ ଧୈର୍ଯ୍ୟହରା ହୋଇ ପଡ଼ିବ, ତେବେ ମୁଁ କାହା ଭରସାରେ ଏହି ବୃନ୍ଦାବନକୁ ଶ୍ରୀରାଧା-ଗୋବିନ୍ଦ-ପଦାରବିନ୍ଦ-ବିଳସିତ ଗୋଲୋକରେ ପରିଣତ କରିବାର ଆଶା କରିବି ? ବର୍ତ୍ତମାନ ଶ୍ରୀମତୀ ବିରହରୁ ଉତ୍କଣ୍ଠା ଅବସ୍ଥାରେ ଆସି ଉପନୀତ ହୋଇ-ଛନ୍ତି । ଏହି ଅବସ୍ଥାରେ କ୍ରମେ ଚିନ୍ତା, ଜାଗର, ଉଦ୍-ବେଗ, ଦେହର କୃଶତା, ମଳିନତା, ପ୍ରଳାପ, ବ୍ୟାଧି, ଉନ୍ମାଦ, ମୋହ ଏବଂ ସମୟେ ସମୟେ ମୃତବତ୍ ଭାବ ପର୍ଯ୍ୟନ୍ତ ଭୋଗ କରିବାକୁ ହେବ । ଅତଏବ ଏଥି ନିମନ୍ତେ ଚିନ୍ତିତ ହେବାର କୌଣସି କାରଣ ନାହିଁ ।

Digitized by srujanika@gmail.com

ବୃନ୍ଦା— କିନ୍ତୁ ଜନନି ! କୋମଳ ପ୍ରାଣା ଶ୍ରୀମତୀ କି ଏତେ କଷ୍ଟ ସହ୍ୟ କରିପାରିବେ ?

ପୌର୍ଣ୍ଣମାସୀ— (ସହାସେ) ଅବଶ୍ୟ ପାରିବେ । ଶ୍ରୀମତୀ ସଚ୍ଚିଦାନନ୍ଦ ନିଖିଳ-ରସାମୃତ-ମୂର୍ତ୍ତି ଶ୍ରୀ ଗୋବିନ୍ଦଙ୍କ ହ୍ଲାଦିନୀ ଶକ୍ତି, ତାଙ୍କର ଯଦି ଏତିକି ସହ୍ୟ ନହେବ, ତେବେ ମୋ ପ୍ରତି ଯେଉଁ ଗୁରୁତର ଭାର ଅର୍ପିତ ହୋଇଛି, ତାର ସାର୍ଥକତା କେଉଁଠାରେ, ବତ୍ସେ ?

ବୃନ୍ଦା—ଭଗବତି ! ଶ୍ରୀମତୀ ତ କୁଳବଧୂ; ଗୃହରେ ଶାଶୁ, ନଣନ୍ଦ ସ୍ୱାମୀ ଅଛନ୍ତି; ଅବଶ୍ୟ ସେମାନେ ଏହି ସମସ୍ତ ବିଷୟ ଜାଣିପାରିବେ । ଦେଖୁଛନ୍ତି ତ ସାମାନ୍ୟ ସନ୍ଦେହ ହୋଇଛି କି ନାହିଁ, ଏଥି ମଧ୍ୟରେ ତର ତର ହୋଇ ଶ୍ରୀମତୀଙ୍କୁ ବୃଷଭାନୁପୁରକୁ ନେଇ ଆସିଛନ୍ତି ? ଏପରି ଅବସ୍ଥାରେ ଶ୍ରୀମତୀଙ୍କ ଏହି ସମସ୍ତ ବିକାର ଦେଖିଲେ, ନିଶ୍ଚୟ ସେମାନେ ଶ୍ରୀକୃଷ୍ଣ-ମିଳନରେ ବାଧା ଘଟାଇବେ ।

ପୌର୍ଣ୍ଣମାସୀ—(ମୃଦୁହାସ କରି) ବତ୍ସେ ! ଏହା ତୁମର ବୃଥା ଆଶଙ୍କା । ତୁମେ କହିଲ ପରି ଶାଶୁ ନଣନ୍ଦ ସ୍ୱାମୀ ଶ୍ରୀରାଧାଙ୍କ ସମସ୍ତ ଅବସ୍ଥା ଭିନ୍ନ ଦୃଷ୍ଟିରେ ଦେଖିବାକୁ ପାଇବେ, ପୁଣି କଳଙ୍କ ରଟନାରେ ମଧ୍ୟ ପ୍ରବୃତ୍ତ ହେବେ; କିନ୍ତୁ ଶ୍ରୀକୃଷ୍ଣ-ମିଳନରେ କୌଣସି ବାଧା ଦେଇ ପାରିବେ ନାହିଁ । ସେମାନଙ୍କର ଏହି ଭାବହିଁ ଏହି ଲୀଳା-ପରିପୁଷ୍ଟିର ପ୍ରଧାନ ଅବଲମ୍ବନ ହେବ ।

Digitized by srujanika@gmail.com

ବୃନ୍ଦା—ଦେବ ! ଆଉ ଗୋଟିଏ ପ୍ରଶ୍ନ--ଶ୍ରୀମଦ୍ଭାଗବତ ଜୀବର ଚରମ ଲକ୍ଷ୍ୟ ଶ୍ରୀହରିଙ୍କ ଅମିୟ ପାଦ ପଦ୍ମରେ କାୟ ମନ ପ୍ରାଣ ଢାଳି ପ୍ରେମ କରିବେ, ଏଥିରେ ଦୋଷର କଥା କଣ ଅଛି ? କଳଙ୍କ ବା କି ?

ପୌର୍ଣ୍ଣମାସୀ—ବତ୍ସେ ! ତୁମେ ଜାଣ ନାହିଁ, ଏହି ମାୟା ମୋହ ମୟ ସଂସାରରେ ବାହ୍ୟତଃ ପ୍ରେମ ନାମଧାରୀ ଗୋଟିଏ ପିଶାଚ ସର୍ବତ୍ର ନିଜର ପ୍ରଭାବ ବିସ୍ତାର କରି ବିଚରଣ କରୁଅଛି ; ତାର ଦୁର୍ବାର ପ୍ରଭାବରେ ଜୀବର ହୃଦୟ ପାପ ପଙ୍କିଳ ଏବଂ ଚକ୍ଷୁ କଳଙ୍କିତ ହୋଇଯାଇଛି । ତେଣୁ ଜୀବ ପବିତ୍ର ପ୍ରେମର ସୁଧାମୟ ମୂର୍ତ୍ତିକୁ ଉକ୍ତ ପାପ-କଳୁଷିତ ପିଶାଚମୂର୍ତ୍ତି ଭ୍ରମେ ଘୃଣା କରିଥାଏ ଏବଂ ତାହା କରିବା ମଧ୍ୟ ସ୍ୱାଭାବିକ ।

ବୃନ୍ଦା—କେ ସେହି ପିଶାଚ ?

ପୌର୍ଣ୍ଣମାସୀ—କାମ ।

ବୃନ୍ଦା—ଦେବ ! ଦାସୀକୁ ଥରେ ବୁଝାଇ ଦେବେ କି, କାମ ଓ ପ୍ରେମ ମଧ୍ୟରେ ପ୍ରଭେଦ କି ? ବାହ୍ୟତଃ ଉଭୟେ ତ ଏକ ମୂର୍ତ୍ତିରେ ଦେଖାଯାନ୍ତି ।

ପୌର୍ଣ୍ଣମାସୀ—ବୃନ୍ଦେ ! ବାହ୍ୟ ଦୃଷ୍ଟିରେ, ସ୍ଥୂଳ ଚକ୍ଷୁରେ କେବେ କେବେ ପ୍ରେମ ଓ କାମର ମୂର୍ତ୍ତି ଏକ ବୋଲି ପ୍ରତୀୟମାନ ହୁଏ ସତ୍ୟ, କିନ୍ତୁ ପ୍ରକୃତରେ ପ୍ରେମ ଓ କାମ ମଧ୍ୟରେ ସ୍ୱର୍ଗ ନରକ ପ୍ରଭେଦ । ପ୍ରେମ

Digitized by srujanika@gmail.com

ସୁଧା ଢଳ ଢଳ, କାମ ଗରଳ ହଳାହଳ, ପ୍ରେମ ଶାରଦ-କୌମୁଦୀ ସିକ୍ତ, ମଳୟ ମାରୁତ ସେବିତ, ଶ୍ରୀ ନାରାୟଣ ପଦ ନିଃସୃତ ନିର୍ମଳ ଗଙ୍ଗାଜଳ । ପ୍ରେମର ଏହି ପବିତ୍ର ସଲିଳରେ ଭକ୍ତିଭରେ ଅବଗାହନ କରିପାରିଲେ ଜୀବନ ଧାରଣ ସାର୍ଥକ ହୁଏ । ଜୀବ ସେହି ସୁଦୁର୍ଲଭ, ମୋକ୍ଷ ଫଳପ୍ରଦ ଶ୍ରୀହରି ପାଦ-ପଦ୍ମରେ ସ୍ଥାନ ପ୍ରାପ୍ତ ହୁଏ । କାମ ମଳମୂତ୍ର ପୂର୍ଣ୍ଣା, ବିଷାକ୍ତ ଜ୍ୱାଳାମୟ ବାୟୁ ଆନ୍ଦୋଳିତା, ନରକ ନିଃସୃତା ଭୀଷଣ ନଦୀ, ଏହି କାମ-ନଦୀରେ ନିମଗ୍ନ ହେଲେ ନିଜର ଇହ ପରକାଳ ନଷ୍ଟ କରି ହତଭାଗ୍ୟ ମାନବ ଦୁର୍ଗନ୍ଧମୟ ରୌରବ ନରକରେ ସ୍ଥାନ ପ୍ରାପ୍ତ ହୁଏ । ବୟସ୍ୟ ! କାମ-ପଙ୍କ ମଗ୍ନ ଯୁବକ ଯୁବତୀ ମଧ୍ୟରେ ଯେପରି ପ୍ରଥମେ ଦର୍ଶନେଚ୍ଛା, ମିଳନର ଚେଷ୍ଟା ଏବଂ ଅନୁକ୍ଷଣ ମିଳନ, ଆଲିଙ୍ଗନ ଓ ଚୁମ୍ବନାଦି କ୍ରୀଡ଼ା ଘଟିଥାଏ, ପ୍ରକୃତ ପ୍ରେମିକ ପ୍ରେମିକା ମଧ୍ୟରେ ସୁଦ୍ଧା ସେହିପରି ଘଟିଥାଏ । ତେଣୁ ଏହି ସମସ୍ତ ଉତ୍କଣ୍ଠା ପ୍ରଭୃତି କି ସାଧାରଣ ମାୟାମୁଗ୍ଧ ଯୁବକ ଯୁବତୀ, କି ଅସାଧାରଣ ପ୍ରେମିକ ପ୍ରେମିକା, ସମସ୍ତଙ୍କର ସମାନ । କିନ୍ତୁ ଅପ୍ରାକୃତିକ ପ୍ରେମିକ ପ୍ରେମିକାର ଚୁମ୍ବନାଦି ଲୀଳା ପରସ୍ପର ଅବିନଶ୍ୱର ଭାବେ ସନ୍ତାନର ସହିତ ସୁଖ ପ୍ରଧାନ ବୋଲି ବିଖ୍ୟାତ; ଏଥିରେ ଦୈହିକ ଲାଳସା ଜନ୍ମା ଆତ୍ମ-ସୁଖ-ତୃପ୍ତିର ଲେଶ ଆଭାସ ସୁଦ୍ଧା ନଥାଏ । କାମାନ୍ଧ ଯୁବକ ଯୁବତୀର ଏହି ସମସ୍ତ କ୍ରିୟା କେବଳ

Digitized by srujanika@gmail.com

ପ୍ରବଳ ଆତ୍ମ-ସୁଖାଭିଳାଷ ଦ୍ୱାରା ଲିପ୍ତ ଏବଂ ବିସ୍ତାରିତ । ତେବେ କାମର ପଥ ଯେପରି ସୁଗମ ଓ ସହଜ, ପ୍ରେମର ପଥ ସେପରି ନୁହେ । କାମ-ପଥରେ ପଦେ ପଦେ ଆସ୍ୱାଦ ଓ ଆନନ୍ଦ, ପ୍ରେମ-ପଥରେ ପଦେ ପଦେ କଟୁସ୍ୱାଦ ଓ ଶତ ବାଧା ବିଘ୍ନ । ତେଣୁ ପରିଣାମ କାଣ୍ଡ-ଜ୍ଞାନ ହୀନ ମାନବ ଅତି ସହଜରେ କାମ-ପଥର ପଥିକ ହୋଇପଡ଼େ ।

ବୃନ୍ଦା—ତେବେ ମାନବ ପ୍ରେମ ପଥର ପଥିକ ହୁଏ କିପରି ?

ପୌର୍ଣ୍ଣମାସୀ—ବୃନ୍ଦେ ! ସେହି ପଥ ବଡ଼ ଦୁରଧିଗମ; ବହୁ ପୁଣ୍ୟ ବଳରେ ମନୁଷ୍ୟ ପ୍ରେମ-ପଥ ପ୍ରାପ୍ତ ହୋଇଥାଏ । ଏଥିରୁ ଯେଉଁ ଆନନ୍ଦ ଉପଲବ୍ଧ ହୁଏ, ତାହା ନିକଟରେ ବ୍ରହ୍ମାନନ୍ଦ ସୁଦ୍ଧା ଅତି ତୁଚ୍ଛ—ପରମ ପ୍ରେମିକ ଭିନ୍ନ ଅନ୍ୟ କାହାର ଶ୍ରୀହରି ଚରଣ ଲାଭ ହୁଏନାହିଁ । ପ୍ରେମ ସାଧନାହିଁ ଏହି ଅମୂଲ୍ୟ ବସ୍ତୁ ଲାଭର ଏକମାତ୍ର ଉପାୟ ।

ବୃନ୍ଦା—ତାହାହେଲେତ ସେହି ଅମୀୟ ପ୍ରେମ ଲାଭ ମାନବ ପକ୍ଷରେ ସମ୍ପୂର୍ଣ୍ଣ ଦୁଃସାଧ୍ୟ ।

ପୌର୍ଣ୍ଣମାସୀ—ଦୁଃସାଧ୍ୟ କିନ୍ତୁ ଅସାଧ୍ୟ ନୁହେ । ମାୟା ମୁଗ୍ଧ ମାନବକୁ ସେହି ପ୍ରେମ ଶିକ୍ଷା ଦେବା ସକାଶେ ତ ଗୋଲୋକ ପତି ଶ୍ରୀହରି ଏହି ବୃନ୍ଦାବନର ଶ୍ରୀ ନନ୍ଦ-ଦୁଲାଳ ବେଶରେ ଅବତୀର୍ଣ୍ଣ ।

ବୃନ୍ଦା—ତେବେ ଦେବି ! ମାନବ କିପରି ସେହି ପ୍ରେମ-ବହ୍ନି ଲାଭ କରିପାରିବ ?

Digitized by srujanika@gmail.com

ପୌର୍ଣ୍ଣମାସୀ— ବତ୍ସେ ! ପ୍ରେମ ବଣିକର ନୁହେ, ସାଧକର; ଏହା ପଣ୍ୟଦ୍ରବ୍ୟ ନୁହେ, ପ୍ରେମ ବହୁର ଲଭ୍ୟ ବସ୍ତୁ ନାହିଁ,—ଏହା ପ୍ରଗାଢ଼ ସାଧନାର ଫଳ । ସେହି ସାଧନା କପର ଅଚଳେ ଶ୍ରୀମତୀଙ୍କଠାରେ ଦେଖିପାରିବ ଏବଂ ଶ୍ରୀମତୀଙ୍କ ସହବାସରେ ତୁମେମାନେ ମଧ୍ୟ ବିମଳ ପ୍ରେମ-ରାଜ୍ୟରେ ବିଚରଣ କରିପାରିବ । ବର୍ତ୍ତମାନ ଶ୍ରୀମତୀ ପଥ ପ୍ରଦର୍ଶକ ରୂପେ ସାଧାରଣ ମାନବ ପକ୍ଷେ ସମ୍ପୂର୍ଣ୍ଣ ନୂତନ ପ୍ରେମ ପଥରେ ଅଗ୍ରସର ହେଉଛନ୍ତି; ସାଧାରଣ ଭାବରେ ଅଭ୍ୟସ୍ତ ଶାଶୁ ନଣନ୍ଦ ଯେ ତାହାଙ୍କ କାର୍ଯ୍ୟାବଳୀ କଳୁଷିତ ଦୃଷ୍ଟିରେ ଦେଖିବେ ଏବଂ କଳଙ୍କ ରଟନାରେ ପ୍ରବୃତ୍ତ ହେବେ, ବିଚିତ୍ର କି ? ବର୍ତ୍ତମାନ କ୍ଷେତ୍ରରେ ତାହାହିଁ ଏକାନ୍ତ ପ୍ରୟୋଜନ । ସେମାନଙ୍କ ଶତ କଳଙ୍କାରୋପ, ସହସ୍ର ପ୍ରତିବନ୍ଧକହିଁ ଶ୍ରୀମତୀଙ୍କ ପ୍ରେମାନଳର ଅଦ୍ଭୁତ ସ୍ୱରୂପ ହେବ । ବୃନ୍ଦେ ! ସେମାନେ ଯେତିକି ବିଘ୍ନ ଘଟାଇବେ, ଶ୍ରୀମତୀଙ୍କ ଶ୍ୟାମ-ମିଳନ-ଆକାଂକ୍ଷା ସେତିକି ବୃଦ୍ଧି ହେବ । ଶ୍ରୀକୃଷ୍ଣଙ୍କ ଜଗନ୍ମୋହନ ରୂପର ଆଭାସ ମାତ୍ର ଶ୍ରୀମତୀ ଦେଖିବାକୁ ପାଇଛନ୍ତି; ଆଉ ଥରେ ଦୁଇଥର ସେହି ରୂପ-ସୁଧା ପାନ କରନ୍ତୁ । ସେଥି ଉପରେ ଯେତେବେଳେ ଜଗତ ଉନ୍ମାଦକାରୀ ମୁରଳୀର ଧ୍ୱନି ଉନ୍ମାଦ କାର୍ଯ୍ୟ ଆରମ୍ଭ ହେବ, ସେତେବେଳେ ସମସ୍ତ ଦେଖିପାରିବ । ଏବେ ମୁଁ କହିବା ଅନାବଶ୍ୟକ ।

Digitized by srujanika@gmail.com

ବୃନ୍ଦା—(ଆଗ୍ରହରେ) ଭଗବତି ! ମୁରଲୀର କି ଏତେଦୂର ଶକ୍ତି ?

ପୌର୍ଣ୍ଣମାସୀ—(ଅଳ୍ପ ହସି) ତାର ଶକ୍ତି ? ହାୟ ବୃନ୍ଦେ ! ସେହି ମୁରଲୀର ଶକ୍ତି କଳନା କରିବାରେ ସ୍ୱୟଂ ବିଧାତା ସୁଦ୍ଧା ଅସମର୍ଥ । ବିଶ୍ୱବିମୋହନ ନବକିଶୋର ମୂର୍ତ୍ତି ଶ୍ରୀକୃଷ୍ଣ-ମୁଖାମ୍ବୁଜର ମଧୁର ମୁରଲୀ ରବରେ ଚେତନ ଅଚେତନ ସର୍ବ ଦେହରେ ରସର ସଞ୍ଚାର ହେବ । ଦେଖିବ ସେହି ଅଦ୍ଭୁତ ମୁରଲୀ ଧ୍ୱନି ମେଘର ପଥ-ରୋଧ କରିବ, ତୁମ୍ବୁରୁଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବ, ସନନ୍ଦ ସନକାଦି ଯୋଗିମାନଙ୍କୁ ଧ୍ୟାନରୁ ବିଚଳିତ କରାଇବ, ସ୍ୱୟଂ ବିଧାତା ବିସ୍ମୟାନ୍ୱିତ ହୋଇପଡ଼ିବେ; ଏଥିରେ କୃଷ୍ଣ ପ୍ରେମୋନ୍ମତ୍ତା ରାଧିକା ଯେ ଉନ୍ମାଦିନୀ ହେବେ, ବିଚିତ୍ର କି ?

ବୃନ୍ଦା—ତେବେ ଜନନି ! ବର୍ତ୍ତମାନ ମୋର କର୍ତ୍ତବ୍ୟ କି ?

ପୌର୍ଣ୍ଣମାସୀ—ବର୍ତ୍ତମାନ ତୁମ୍ଭେ କ୍ୟାବଟକୁ ଯାଇ ପ୍ରେମୋ-ନ୍ମାଦିନୀ ଶ୍ରୀମତୀଙ୍କୁ ସାନ୍ତ୍ୱନା ଦେବା ପାଇଁ ସଖୀମାନଙ୍କୁ ସାବଧାନ କରାଇ ଦିଅ । ଶ୍ରୀମତୀଙ୍କ ପକ୍ଷେ ଏସବୁ ବିକାର ନୂତନ ହେବା ଯୋଗୁଁ ସଖୀମାନେ ସର୍ବକ୍ଷଣ ସାବଧାନ ନଥିଲେ ପ୍ରମାଦ ଘଟିବାର ସମ୍ଭାବନା । ତେବେଣ ଶ୍ରୀକୃଷ୍ଣଙ୍କ ଉତ୍କଣ୍ଠା ମଧ୍ୟ ବୃଦ୍ଧି କରାଇବାକୁ ହେବ ।

ବୃନ୍ଦା—ତାହା କପରି ?

ପୌର୍ଣ୍ଣମାସୀ—(ସହାସେ) ସେଥି ସମ୍ବନ୍ଧେ ସମୟୋପଯୋଗୀ କାର୍ଯ୍ୟ କରିବାକୁ ମୋର ପୌତ୍ର ମଧୁମଙ୍ଗଳକୁ ଯଥା-

Digitized by srujanika@gmail.com

ବହୁତ ଉପଦେଶ ଦେଇଛ, ତୁମେ ସେଥିପାଇଁ ଅଧିକ ପ୍ରୟାସ କରିବା ଅନାବଶ୍ୟକ; କେବଳ ମଧ୍ୟେ ମଧ୍ୟେ ଶ୍ରୀମତୀଙ୍କ ରୂପ ଦର୍ଶନ କରାଇଲେ ଯଥେଷ୍ଟ ହେବ । ଯାଅ, ଅଧିକ ବିଳମ୍ବ କର ନାହିଁ । ଆବଶ୍ୟକ ହେଲେ ମଧ୍ୟେ ମଧ୍ୟେ ମୁଁ ମଧ୍ୟ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହେଉଥିବି ।

ବୃନ୍ଦା—ଆଜ୍ଞା ଶିରୋଧାର୍ଯ୍ୟ ।

[ବୃନ୍ଦା ପୌର୍ଣ୍ଣମାସୀଙ୍କୁ ଅଭିବାଦନ କରି ପ୍ରସ୍ଥାନ କଲେ]

ତୃତୀୟ ଦୃଶ୍ୟ

[ଦିବା ଚତୁର୍ଥ ପ୍ରହର, ସ୍ୱ ଭବନର ପୁଷ୍ପବାଟିକାରେ ବାହ୍ୟ ଜ୍ଞାନ ଶୂନ୍ୟ ଶ୍ରୀରାଧା ଶୂନ୍ୟ ଦୃଷ୍ଟିରେ ମେଘ ଆଡ଼େ ଚାହିଁ ରହିଛନ୍ତି; ଲଳିତା, ବିଶାଖା ଇତ୍ୟାଦି ସଖୀମାନେ ତାଙ୍କୁ ପ୍ରକୃତିସ୍ଥ କରିବା ସକାଶେ ବିବିଧ ଚେଷ୍ଟା କରୁଅଛନ୍ତି ।]

ଲଳିତା—

ରାଗ-ସିନ୍ଧୁଡ଼ା, ତାଳ—ଅଦ୍ଧ

ଗୋ ରାଧେ, କି ମତି ଗଲା ପ୍ରୀତିରେ ! ଘୋଷା ।

୧— କେତେ ସ୍ୱରରେ ଡ଼ାକିଲେ ଥରେ
ଶୁଣନାହିଁ କର୍ଣ୍ଣ ଶ୍ରୁତି ପଥରେ । ଗୋ ରାଧେ !

Digitized by srujanika@gmail.com

୬— ତବ ସ୍ନେହ-ଲତା ମୁହିଁ ଲଳିତା
ଲଳିତାଙ୍ଗି, ଗୁହୁଁ ନାହିଁ ନେହାନ୍ତରେ । ଗୋ ରାଧେ ।
[ଅନ୍ୟ ମନସ୍କା ଶ୍ରୀରାଧା ହଠାତ୍ ଚମକି ଉଠିଲେ]
୩— ଏକ ବଚନ ତବ ଚରଣ
ଚମକି ଯାଉଛ ସଙ୍ଗିନୀ କଥାରେ । ଗୋ ରାଧେ ।
[ଶ୍ରୀ ରାଧା କଲ୍ପନା-ନୟନରେ ହଠାତ୍ ଶ୍ରୀକୃଷ୍ଣ-ଆଗମନ ଅବ-ଲୋକନ କରି ପ୍ରେମ-ପୁଲକିତ ପ୍ରାଣରେ କହିଲେ--]
ଶ୍ରୀରାଧା--
"ଅଳୋଳ-ଲୋଚନ-ବିଲୋକିତ-କେଳିଧାର-
ନୀରାଜିତାଗ୍ର ଚରଣୈଃ କରୁଣାମ୍ବୁ ରାଶେଃ ।"
ଆର୍ଦ୍ରାଣି ବେଣୁନିନଦୈଃ ପ୍ରତିନାଦ ପୂରୈ—
ରାକର୍ଣୟାମି ମଣିନୂପୁର ଶିଞ୍ଜିତାନି ।
ରାଗ—ମୁଖାରି, ତାଳ-ମିଶ୍ର ରୂପ
ଅଧରାରେ ନାଥ ଅସ ହେ ବହନ,
ବନା ତିଦାଶେ ମୋ'ରେ କପାଇଁ ବମନ । ଘୋଷା ।
୧— ସାଜିଛି ଯତନେ ଏ ହୃଦ କାନନେ
ତବ ବିଳାସ ପାଇଁ ପ୍ରୀତିର ସଦନ ।
୨— ବସେ ହୃଅ କ୍ଷଣେ ପ୍ରେମ-ସିଂହାସନେ
ଭକ୍ତି ଅଞ୍ଜଳି ଦାନେ ପୂଜିବ ଚରଣ ।
[୧ ଏବଂ ୨ ପଦ ଘୋଷା ଅନୁଯାୟୀ ଗାଇବାକୁ ହେବ ।]
[ଶ୍ରୀରାଧା ଶୂନ୍ୟ ଆଡ଼େ କରୁଣ ଅପଲକ ନୟନରେ ଚାହିଁ ରହିଲେ]

Digitized by srujanika@gmail.com

ବିଶାଖା—(ଅଶ୍ରୁପୂର୍ଣ୍ଣ ସ୍ୱରେ) ଏକି ସଖି ! ଏକି ତୁମର ଭାବ ! ଏକି ତୁମର ମୂର୍ତ୍ତି !! କେ ଏଠାରେ ଅଛନ୍ତି ଯେ କାହାକୁ ଏସବୁ କଥା କହୁଛ ? ଅଳ୍ପ ଦିନରେ ତୁମର ଏତେ ଦୂର ପରିବର୍ତ୍ତନ କିପରି ହେଲା, ସଖି ?

ଶ୍ରୀରାଧା—(ସଖୀଙ୍କ କଥାରେ କର୍ଣ୍ଣପାତ ନକରି ନିରାଶା ଓ ଆକୁଳରେ) ହାୟ, ହାୟ ! ଏଥିସକାଶେ କେଉଁ ଅପରାଧ ଘଟିଲା ? ହା ନାଥ ! ହା ପ୍ରାଣବଲ୍ଲଭ ! କେଉଁ ଅପରାଧରୁ ଦାସୀ ପ୍ରତି ଏତେଦୂର ବିମୁଖ ପ୍ରଭୁ ? ପ୍ରାଣ-ବନ୍ଧୋ ! ତୁମର କ୍ଷଣିକ ଅଦର୍ଶନ ମୋତେ ଯୁଗ ଯୁଗାନ୍ତର ପ୍ରାୟ ଦୁଃସହ ହେଲାଣି । ହାୟ ! ପୁନର୍ବାର କେତେବେଳେ ତୁମର ସକଳ ସୁଷମାର ଆଧାର ଶ୍ରୀମୁଖ-କମଳ ଦେଖିବି ?

"ଅଶ୍ରାନ୍ତଂ ସ୍ମିତମରୁଣାରୁଣାଧରୌଷ୍ଠଂ
ହର୍ଷାର୍ଦ୍ରଂ ଦ୍ୱିଗୁଣମନୋଜ୍ଞ ବେଣୁଗୀତମ୍ ।
ବିଭ୍ରାମ୍ୟ ଦ୍ୱିପୁଳ ବିଲୋଚନାର୍ଦ୍ଧ ମୁଗ୍‌ଧଂ
ବୀକ୍ଷେୟହଂ ତବ ବଦନାମ୍ବୁଜଂ କଦାନୁ ।" ହା କୃଷ୍ଣ !

[ହତଜ୍ଞାନ ଓ ମୂର୍ଚ୍ଛିତ ହୋଇ ପଡ଼ିଲେ]

ସକଳେ—(ଆକୁଳରେ) ଅଁ -ଆଁ ! ଏକି ହେଲା । ହା ପ୍ରାଣା-ଧିକା ରାଧିକା !

ଲଳିତା—ବିଶାଖେ ! କଣ ଦେଖୁଛ ? ଶୀଘ୍ର ଜଳ ନେଇ ଆସ ।

ବିଶାଖା—(ବେଗେ ଉଠି ଯାଉ ଯାଉ) ହା, ପ୍ରେମମୟି ରାଧିକେ !

Digitized by srujanika@gmail.com

[ବିଶାଖା ଜଳ ଯୋଗେ ଅଯତ୍ନେ ସଖୀମାନଙ୍କ ବିବିଧ ଚେଷ୍ଟା ଓ ଶୁଶ୍ରୂଷା ପରେ ଶ୍ରୀରାଧା ଚେତା ପାଇ ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଲେ ।]

ଲଳିତା—ମୁଁ ଯେପରି ଆଶଙ୍କା କରୁଥିଲି ତାହାହିଁ ହେଲା ।
ପୂର୍ବରୁ କହୁଥିଲି, ଏହି ଅନଳରେ ଝାସ ଦିଅ ନାହିଁ, ତୁମେ ଲବଣୀର ପିତୁଳା, ଏହି ଜ୍ୱାଳା ସହିପାରିବ ନାହିଁ; ସେତେବେଳେ ମୋର କଥା ଗ୍ରାହ୍ୟ କଲନାହିଁ, ଏବେ ନିଜର ସର୍ବନାଶ ନିଜେ କରି ବସିଲ ।

[ସଖୀମାନଙ୍କ କୌଣସି କଥା ଶ୍ରୀରାଧାଙ୍କ କର୍ଣ୍ଣରେ ପ୍ରବେଶ କଲା ନାହିଁ । ସେ ଆପଣାକୁ ଆପେ ବୋଲିବାକୁ ଲାଗିଲେ—]

ରାଗ—ଧୀରଶଙ୍କରାଭରଣ । ତାଳ—ଅଢ଼ା ।

ଆହା ସେ ରୂପ ସୁଷମା ନୟନେ ଯା ଦେଖିଛି
କରିଲେ ଯତନ ହେଁତେ ପାରିବିକି ମୁରୁଛି । ଘୋଷା ।
ଜମ୍ବୁଦର କେଶଜାଲ ରତନସାରେ ମଞ୍ଜୁଳ
ଶବଳ କଳାପି ଚୂଳ ମଣି ମାଳେ ମଣ୍ଡିଛି ।
କୁଞ୍ଚିତ ନୀଳ କୋମଳ ଲଳିତ ଚୂର୍ଣ୍ଣ କୁନ୍ତଳ
ସତତ କି ମଧୁପକୁଳ କମଳକୁ ଘେରିଛି । ଆହା ସେ-।

ବିଶାଖା—(ସଭୟେ ବାଧା ଦେଇ) ତୁନି ରହ ସଖି, ତୁନିରହ ।
ଶାଶୁ, ନଣନ୍ଦ, ସ୍ୱାମୀ ଘରେ ଅଛନ୍ତି, ଜାଣିଲେ ସର୍ବନାଶ ଘଟାଇବେ ।

ଶ୍ରୀରାଧା—(ସଖିମାନଙ୍କ କଥାରେ କର୍ଣ୍ଣପାତ ନକରି ପୂର୍ବପ୍ରାପ୍ତ ବୋଲି ଗଲେ ।)

Digitized by srujanika@gmail.com

* ୨ ସ୍ମରୁସ୍ଥପ ଭ୍ରୂଲତା ମଟଛି ଗୋରଚନା ଚତା
ସ୍ମୃହଁଣ କେଉଁ ବନତା ଭେଳ ନୋହ ରହୁଛି ।
ଗଳାର ଗଜ ମୁକୁତା ମଣି କୁଣ୍ଡଳ ଦୋଳତା
କପୋଳ ମନୋହାରତା ଭଲ ବହୁଗଢ଼ିଛି । ଅହା ସେ *

ଲଳିତା—(ଉଦ୍ବେଗରେ ଶ୍ରୀରାଧାଙ୍କ ମୁଖ ବନ୍ଦ କରି) ଧୀରେ ସଖି, ଧୀରେ ।

ଶ୍ରୀରାଧା— (କୌଣସି କଥାରେ କର୍ଣ୍ଣପାତ ନକରି ପୂର୍ବବତ୍ ବୋଲି ଗଲେ ।)

* ୩ ଛନ୍ଦୀଭୂଷଣ ଯୁଗକୁ କୁଞ୍ଚିତ ବାହୁ-ପାଶକୁ
ବଂଶୀଯୁତ ଅଧରକୁ ତୁଳନା କ ଦିଶୁଛି ।

(ହଠାତ୍ ପ୍ରକୃତସ୍ଥ ହୋଇ ଲଳିତାଙ୍କ ଗଳା ଜଡ଼ାଇ ଧରିଲେ)

କପି ଗଲି ଯମୁନାକୁ ଚାହିଁଲି ନୀପ ମୂଳକୁ
ଲଳିତେ ଏହି ଦଶାକୁ ଏବେ ଜାଣିପାରୁଛି । ଅହା ସେ ।

ଲଳିତା—ସେହି ଅନଳରେ ଝାସ ଦିଅନାହିଁ ବୋଲି ମୁ ପୂର୍ବରୁ କହୁ ନଥିଲି ? ସଖି ! ମୋର ପ୍ରାର୍ଥନା ରଖ, ଏବେ ହେଲେ ବାହୁଡ଼ ଅସ; ଆଉ ଅଧିକ ଅଗ୍ରସର ହୁଅନାହିଁ ।

ଶ୍ରୀରାଧା—ଲଳିତେ ! ରାଧାକୁ ଆଉ ସେହି ଉପଦେଶ ଦେଲେ କୌଣସି କାର୍ଯ୍ୟ ହେବନାହିଁ । ବର୍ତ୍ତମାନ ରାଧା ସେହି ଅନଙ୍ଗମାସ୍ତ ଜ୍ୱାଳାରେ ଝାସ ଦେଇ ଦଗ୍ଧ ହେବ, ତଥାପି ସେହି ଅନଳ ଶିଖାର ଲୋଭ ତ୍ୟାଗ କରିବା, ତା ପକ୍ଷେ ଅସମ୍ଭବ—ଅସମ୍ଭବ ।

Digitized by srujanika@gmail.com

ଲଳିତା—ଛି ସଖି, ଏକାବେଳକେ ଏପରି ଅସମ୍ଭବ ହୁଅ-ନାହିଁ ।

ରାଗ—ହିନ୍ଦୁସ୍ଥାନ କାଫି । ତାଳ-ରୂପକ ।
(ଆହା) ସ୍ନେହ-ରତନ ହାର
(ସତେ) ହେଲ କି ଜ୍ଞାନ ହରା । ଘୋଷା ।
୧ ନବୁଝି ସେ ଶ୍ୟାମ ପ୍ରେମ ଗୂଢ଼ରସ
ଅନୁସର ହେଲ ଯା ଏତେ ସର,
ବାହୁନି ପରାଏ ବୁହାଇ ନିରତେ
ନୟନୁ ଲୋତକ ଧାର । ସ୍ନେହ— ।
୨ କାହିଁ ସେ କୋମଳ ଲବଣୀ ଅଙ୍ଗ
କଷିତ କାଞ୍ଚନ ଜିଣି ସୁରଙ୍ଗ
ସଢ଼ିଲାଣି ତନୁ ଲୋଡ଼ି ଶ୍ୟାମ ସଙ୍ଗ
ଚିନ୍ତାରେ ହୋଇ ଅଧୀର । ସ୍ନେହ— ।

ସଖି ! ଏହାର ପରିଣାମ କଣ ହେବ ଭାବି ଦେଖ ।

ଶ୍ରୀରାଧା—ସଖି ! ମୋତେ ପରିଣାମର କଥା କାହିଁକି କହୁଛ ? (କ୍ଷଣେ ମାତ୍ର, ଅନ୍ୟମନସ୍କ ପୁଣି ହଠାତ୍ ପୁଲକାବେଗେ ବିହ୍ୱଳ ଓ ଆକୁଳ ହୋଇ) ଲଳିତେ ! ବିଶାଖେ ! ବର୍ତ୍ତମାନ ମୋତେ ରକ୍ଷାକର ; ଓଃ ହୋ ! ସେହି ଲାବଣ୍ୟ ଛଟା ଉଚ୍ଛଳିତ ରୂପ ମାଧୁର୍ଯ୍ୟ, ସେହି ମୋହନ ସୁଷମା ଶୋଭିତ ନବକିଶୋର ଜ୍ୟୋତିର୍ମୟ ସୁଧା-ମଧୁର ବଂଶୀ ବଦନ, ସେହି ଦରବିକସିତ ମୁକୁଳାୟିତ ନୟନ-କମଳ, ସ୍ମିତ-ସୁଧା-ବିରଞ୍ଜିତ ଅଧର,

Digitized by srujanika@gmail.com

ଶିଖିପୁଚ୍ଛ ଶୋଭିଁ କୃଷ୍ଣ କୁଞ୍ଚିତ କୁନ୍ତଳ ଛଟା, ସେହି ନୃତ୍ୟମୟ ଚରଣ ବିନ୍ୟାସ ମୋର ମର୍ମସ୍ଥଳ ଭାବି ଦେଉଛି, ମୁଁ ଆଉ ସହ୍ୟ କରିପାରୁ ନାହିଁ ।— ଦେଖାଅ ସଖି ! ଏହିକ୍ଷଣି ଦେଖାଅ । ପୁନର୍ବାର ତାହାଙ୍କୁ ନଦେଖିଲେ ମୁ ଆଉ ବଞ୍ଚିବି ନାହିଁ । (ଏହି ସମୟେ ବୃନ୍ଦା ଆସି ସେଠାରେ ଉପସ୍ଥିତ ହୁଅନ୍ତେ ତାହାଙ୍କୁ ଦେଖି ଆତୁରରେ ଉଠି) ବୃନ୍ଦେ ! ପ୍ରାଣ ସଖି ! ଆସିଲ ? ରକ୍ଷାକର ସଖି ! ଏହିକ୍ଷଣି ତାହାଙ୍କୁ ଦେଖାଅ ।

ରାଗ—ମୋହନା । ତାଳ-ଆଦି ।

ଦେଖାଅ ସଖି, ଦେଖାଅ,
ଦେଖାଅ ସେ ବେଣୁଧର ।
ଏହି ମୁହୂର୍ତ୍ତେ ଶ୍ୟାମ ବଦନ
ନିରଖି ଜୀବନ ମୋର । ଘୋଷା ।

୧ ଅହା ସେ ବ୍ରଜସୁନ୍ଦର
ରାସ ରସିକ ଶେଖର
ପୀରତି—ସୁଧା ଆଧାର
ସକଳ ସୁଷମା ସାର । ଦେଖାଅ—।

୨ ସେ ସ୍ମୃତି ବିମଳ ଶଶୀ
ସଦାସେ ମରମେ ପଶି
କେ ଜାଣେ କି ମନ୍ତ୍ର ଘୋଷି
ହରୁଛି ସର୍ବସ୍ୱ ମୋର । ଦେଖାଅ—।

Digitized by srujanika@gmail.com

ବୃନ୍ଦା—(ଶ୍ରୀରାଧାଙ୍କ ମୁଖ ବନ୍ଦ କରିଦେଇ) ତୁନି ରହ, ତୁମ ସ୍ୱାମୀ ଆସୁଛନ୍ତି, ତୁନି ରହ।

ଶ୍ରୀରାଧା—(ଅଧିକତର ଆକୁଳଚିତ୍ତେ) ତୁମ ପାଦେ ପଡ଼ୁଛି ବୃନ୍ଦେ ! ମୋତେ ଅନ୍ୟ କଥା ଆଉ କହନାହିଁ; ଶୀଘ୍ର ତାହାଙ୍କୁ ଦେଖାଅ, ନୋହିଲେ ଏହିକ୍ଷଣି ଯାଇ ଯମୁନାରେ ଝାସ ଦେବି।

ବୃନ୍ଦା—ତୁନି ହୁଅ ସଖି ! ପ୍ରତିଶ୍ରୁତ ହେଉଛି, ଯଥାଶକ୍ତି ଏହାର ପ୍ରତିବିଧାନ କରିବି; ଅବଶ୍ୟ ତାହାଙ୍କୁ ଦେଖାଇବାର ବ୍ୟବସ୍ଥା କରିବି। ହେଉଟି ସ୍ୱାମୀ ଆସିଲେଣି, ତୁନି ହୁଅ।

(ବୃହତ୍ ଯଷ୍ଟି ହସ୍ତେ ଅଭିମନ୍ୟୁ ଏବଂ ଜଟିଳା ପ୍ରବେଶ କରିଲ)

ଅଭିମନ୍ୟୁ—(ପ୍ରବେଶ ପଥରୁ) କାହିଁ ? କେଉଁଠାରେ କାଳିଆ ଭୂତ ? କାଳୀଭକ୍ତ ଅଭିମନ୍ୟୁର ଗୃହିଣୀ ପ୍ରତି ଅତ୍ୟାଚାର ? କାହିଁ ? କାହିଁ ଲୁଚିଲେ ? ଦେଖାଇ ଦିଅ, ଶ୍ରୀମତୀଙ୍କ କେଉଁ ସ୍ଥାନରେ କାଳିଆ ଭୂତ ଆଶ୍ରୟ ନେଇଛି। (ଭୂପୃଷ୍ଠେ ସଜୋରରେ ଯଷ୍ଟି ପ୍ରହାର)

ବୃନ୍ଦା—(ଆଶ୍ଚର୍ଯ୍ୟରେ) ଏ କି ଦଶା ! ଏ କି କରୁଛ ?

ଅଭିମନ୍ୟୁ—କେ ? ବୃନ୍ଦେ ? ଶ୍ରୀମତୀଙ୍କ ମୁଣ୍ଡଟା ନୁଆଇ ଧରତ।

ବୃନ୍ଦା—(ଭୟରେ) କାହିଁକି ?

ଅଭିମନ୍ୟୁ—କାହିଁକି, ଅତର ବୁଝିପାରୁନାହିଁ ? କାଳିଆ ବୋଲି ଗୋଟିଏ ଭୂତ କଦମ୍ବବନରୁ କଦମ୍ବ ଡ଼ାଳରେ ବସା

Digitized by srujanika@gmail.com

କରୁଥିଲୁ; ତୁମ ସଖୀ ଯମୁନାରେ ସ୍ନାନ ସାରି ମୁକୁଳା କେଶରେ କଦମ୍ବ ତଳ ଦେଇ ଆସୁଥିବା ବେଳେ ପାପିଷ୍ଠ ବ୍ରହ୍ମଦୈତ୍ୟ ଏହାଙ୍କ ଦେହରେ ଅଶ୍ରୟ ନେଇଛି । କାଳୀ ଭକ୍ତ ଅଭିମନ୍ୟୁ ହାତରୁ ଛାଡି ନଖାଇଲେ କି ସେ ଘୁଞ୍ଚିବ ?

ବୃନ୍ଦା—(ସହାସ୍ୟେ) ହଁ, ଭୂତ ତ ଘୁଞ୍ଚିଯିବ, କିନ୍ତୁ ଛାଡିର ଅଘାତରେ ଶ୍ରୀମତୀଙ୍କର ଦଶା କି ହେବ ?

ଅଭିମନ୍ୟୁ—ହାଁ, ସତେ ତ ! ସେ କଥା ମନେ ନଥିଲା । —(କୁଟିଳା ପ୍ରତି) ହେଲା ନାହିଁ କୁଟିଳେ ! ତାହାହେଲେ ଶ୍ରୀମତୀ ମଧ୍ୟ ପ୍ରେତନୀ ହୋଇ ପାପିଷ୍ଠ ବ୍ରହ୍ମଦୈତ୍ୟ ସଙ୍ଗେ ଯୋଗ ଦେବେ ।

କୁଟିଳା—(ବିରକ୍ତ ସହକାରେ ଶ୍ରୀରାଧା ପ୍ରତି) ଏ କି ଗୋ ରାଧେ ?

ଶ୍ରୀରାଧା—(ଅଧୋବଦନରେ) କି ?

କୁଟିଳା—ତୁମର ଏ କି ଗତି ?

ଶ୍ରୀରାଧା—କି ଗତିକ ?

କୁଟିଳା—ଏହି ଯେ ମେଘ ଅଡ଼ୁ ଏକ ବୃକ୍ଷରେ ରହି ରହୁଥିଲ, କେବେ ବସି, କେ ଛିଡ଼ା ହୋଇ କଣ ଗୁଡ଼ଏ ବକୁଥିଲ ?

ଶ୍ରୀରାଧା—ହଁ, ଦେବତାଙ୍କର ପୂଜା କରୁଥିଲି; ହାତ ଯୋଡ଼ ମନ୍ତ୍ର ଉଚ୍ଚାରଣ କରୁଥିଲି ।

Digitized by srujanika@gmail.com

(ସଖୀମାନେ ଶ୍ରୀରାଧାଙ୍କ ଉପସ୍ଥିତ ବୁଝିଙ୍କ ପ୍ରଣାମ ମୃଦୁହାସ ସହ ପରସ୍ପରକୁ ଚାହିଁଲେ ।)

ଲଳିତା—ସେଥିପାଇଁ ପର ଭାଇ ଭଉଣୀ ମେଳି ସଖୀକୁ ହତ୍ୟା କରିବାକୁ ଆସିଛ ?

ଅଭିମନ୍ୟୁ - (ଆଶ୍ଚର୍ଯ୍ୟରେ କୁଟିଳା ପ୍ରତି) କ କୁଟିଳେ ?

କୁଟିଳା—(ବିରକ୍ତରେ ଅଭିମନ୍ୟୁ ପ୍ରତି) କ କୁଟିଳେ,କାହିଁକି ? ମୁଁ କ ତୁମକୁ ଲାଠି ଧରି ଆସିବାକୁ କହିଥିଲି ?

ଅଭିମନ୍ୟୁ—ଶ୍ରୀମତୀଙ୍କୁ ଭୂତାବେଶ ହୋଇଛି ବୋଲି ଯେ କହିଥିଲ ?

କୁଟିଳା—(ବିରକ୍ତରେ ହାତ ମୁଣ୍ଡ ଲାଡ଼ି) ହୋଇଛି କି ନାହିଁ, ଦେଖୁନାହଁ ? ଦେଖା ନାହିଁ, ଶୁଣା ନାହିଁ, ଏକା ବେଳକେ ଲାଠି ଠୁକ ଠୁକ ଯାଇଁ ଆସିଲ । (ସସ୍ନେହେ ଶ୍ରୀରାଧା ପ୍ରତି) କ ଗୋ ରାଧେ ! ପୂଜାକି ଆଉ କେହି କରନ୍ତି ନାହିଁ ? ଡାକିଲେ ମଧ ଉତ୍ତର ଦେଉନାହିଁ । ଏପରି ପୂଜା ତ ମୋର ବାପାର ଜନ୍ମରେ କେବେ ଦେଖି ନାହିଁ ।

ବୃନ୍ଦା—ନିଜର ଦୋଷ ପର ଉପରେ ଲଦିବାକୁ ଚେଷ୍ଟା କରୁଛ କାହିଁକି ? ତୁମ ଭାଇଙ୍କ ମଙ୍ଗଳ ସକାଶେ ସିନା ସଖୀ ପୂଜା କରୁଥିଲେ । ପୂଜା କରିବା ବେଳେ ଏଣେ ତେଣେ ଚାହିଁ, କଥାବାର୍ତ୍ତା ହୋଇ ପୂଜାର ଫଳ କି ବ୍ୟର୍ଥ କରି ଦେବେ ? (ଅଭିମନ୍ୟୁ ପ୍ରତି) କ ସଖା ?

Digitized by srujanika@gmail.com

ଅଭିମନ୍ୟୁ—(ମୁଣ୍ଡ ଲଢ଼) ଅବଶ୍ୟ—ଅବଶ୍ୟ ।

ଲଳିତା—ତନ୍ମୟ ହୋଇ ପୂଜା ନକଲେ ସେ ପୂଜା, ପୂଜା ନୁହେ ।

ଶ୍ରୀରାଧା—(ସ୍ୱାମୀଙ୍କୁ ଲକ୍ଷ୍ୟ କରି ଲଳିତା ପ୍ରତି) ସେପରି ପୂଜା କରିବାକୁ ସେ ତ କହିଥିଲେ ।

ଅଭିମନ୍ୟୁ—ହଁ, ଅବଶ୍ୟ କହିଥିଲି । (କୁଟିଳା ପ୍ରତି) କି କୁଟିଲେ ?

କୁଟିଳା—ସେ କଥା ମୋତେ ପୂର୍ବରୁ କହିଲ ନାହିଁ କାହିଁକି ? ଏବେ କି କୁଟିଲେ, କି କୁଟିଲେ ବୋଇଲେ ମୁଁ କଣ କରିବ ?

ବୃନ୍ଦା—(ଅଭିମନ୍ୟୁ ପ୍ରତି) ସଖା ! ଦେଖିଲ ତ ? କାଳିଆ ଭୂତ ସଖୀଙ୍କ ଦେହରେ ଆଶ୍ରୟ ନେଇ ନାହିଁ, ତୁମ ଭଉଣୀଙ୍କ ଦେହରେହିଁ ଆଶ୍ରୟ ନେଇଛି ।

ଅଭିମନ୍ୟୁ—(ଆଶ୍ଚର୍ଯ୍ୟରେ) ହାଁ ! ସତେ ? (ସନ୍ଦିଗ୍ଧ ନୟନରେ କୁଟିଳାର ଅପାଦଚୂଳ ନିରୀକ୍ଷଣ କରିବାକୁ ଲାଗିଲେ ।)

ଲଳିତା—ଅଉ କଣ ? ଦେଖୁନାହିଁ, କିପରି ସାମଞ୍ଜସ୍ୟହୀନ କଥାବାର୍ତ୍ତା ?

ବିଶାଖା—ଦେଖ ଦେଖ, ଚକ୍ଷୁରେ କିପରି ଭାବଶୂନ୍ୟ ଦୃଷ୍ଟି ।

ବୃନ୍ଦା—ସଖା ! କଣ ଦେଖୁଛ ? ଶୀଘ୍ର ଉପାୟ କର; କାଳିଆ ହାତରୁ ଭଉଣୀଙ୍କୁ ଉଦ୍ଧାର କର, ବିଳମ୍ବ ହେଲେ ପ୍ରମାଦ ଘଟିବ ।

Digitized by srujanika@gmail.com

ଲଳିତା—(ମୃଦୁହାସ୍ୟେ) କାଳୀ ମନ୍ତ୍ରରେ ଭଉଣୀଙ୍କର ସର୍ବାଙ୍ଗ ଝାଡ଼ି ଦିଅ ।

ଅଭିମନ୍ୟୁ—ହଁା, ସତେତ, ଠିକ୍-ଠିକ୍ । ଜୟ ମା କାଳି ! ଜୟମା ଭବଭୟନାଶିନୀ ଭଗବତୀ ! (କୁଟିଳା ପ୍ରତି ଲାଠି ପ୍ରହାର)

କୁଟିଳା—(ଆର୍ତ୍ତନାଦ କରି) ମାଗୋ ! ମଲି ଗୋ ! ରକ୍ଷା କର ଗୋ ! (ବେଗେ ପଳାୟନ)

ଅଭିମନ୍ୟୁ—ଧର-ଧର, ଭୂତକୁ ଧର; ଭଉଣୀକୁ ଧରି ପଳାଉଛି । (ଲାଠି ଉଠାଇ) ଜୟ ମା କାଳି ! ଜୟ ମା କାଳି ! (କୁଟିଳାର ଅନୁଧାବନ କଲେ)

[ଏଣେ ଲଳିତା ଇତ୍ୟାଦି ହସି ହସି ଅସ୍ଥିର ହେବାକୁ ଲାଗିଲେ]

ବିଶାଖା—(ଶ୍ରୀରାଧା ପ୍ରତି) ସଖି ! ତୁମ ହେତୁରୁ ବୃଥାରେ ଜଣେ ନିର୍ଦ୍ଦୋଷ ପ୍ରାଣୀ କଷ୍ଟଭୋଗ କଲା ।

ଲଳିତା—ନିର୍ଦ୍ଦୋଷ ? ପୋଡ଼ା ମୁହଁକ ଏତେ ଅନଧିକାର ଚର୍ଚ୍ଚା କାହିଁକି ? ଯେପରି କାର୍ଯ୍ୟ ସେପରି ଫଳ ।

ବୃନ୍ଦା—(ଶ୍ରୀରାଧାଙ୍କ ଚିବୁକ ଧରି ସହାସ୍ୟେ) ସଖି ! ଏତେ ସୁବୁଦ୍ଧି କେଉଁଠୁ ଶିଖିଲ ? ଏତେ ଶୀଘ୍ର ସୁନ୍ଦର କୈଫିୟତଟାଏ କପରି ରଚନା କରିପାରିଲ ?

ଶ୍ରୀରାଧା—(ନିରାଶା ଓ ଆକୁଳ ଚିତ୍ତରେ ବୃନ୍ଦାଙ୍କ ଗଳା ଧରି) କାନ୍ଦି ସଖି ! ମୋର ଗତି କି ? ମୋର କି ଆଉ କୌଣସି ଉପାୟ ନାହିଁ ?

Digitized by srujanika@gmail.com

ବୃନ୍ଦା—ଦେଖିଲ ତ ସବୁ, ଏପରି କାର୍ଯ୍ୟରେ କପଟ ଋପନ୍ଦ?

ଶ୍ରୀରାଧା —(ହତାଶାରେ) ସ୍ବାମି ! ତେବେ କି ଏହି ଜୀବନ-
ଧାରଣ କେବଳ ନିଷ୍ଫଳ ? ଆଉ କି ଏହି ଜୀବନ ତାଙ୍କ
ସେବାରେ ଲାଗିବ ନାହିଁ ?—

ରାଗ—ହରିକାମ୍ବୋଦ, ତାଳ—ରୂପକ

ଯିବ କି ଏହି ଜୀବନ
କାନନ ମଲ୍ଲି ସମାନ । ଘୋଷା ।
ହୋଇ ଅନାଘ୍ରାତ ଅବାଞ୍ଛିତ
ଅନାଦୃତ ଅକାରଣ । ଉପଘୋଷା ।
୧- କେଉଁ ପାପ କର୍ମ ଫଳେ
କାହା ଅଭିଶାପ ବଳେ ।
ଜନମି ଏ ନିତ୍ୟଧାମ ବ୍ରଜ ମଣ୍ଡଳେ
କଟାଇବ ଲକ୍ଷ୍ୟହୀନ ମୋକ୍ଷ ଶୂନ୍ୟ
ନିଷ୍ଫଳ ନାରୀ ଜନମ । ଯିବକି— ।

ବୃନ୍ଦା—(ଶ୍ରୀରାଧାଙ୍କ ଚିବୁକ ଧରି) ଛି ସଖି ! ଏକାବେଳକେ ଏପରି ହତାଶ ହୋଇଯାଅ ନାହିଁ । ଚାଲ, ସନ୍ଧ୍ୟା ଆଗତ ପ୍ରାୟ; ଭବନ ମଧ୍ୟକୁ ଯାଇ ତାର ଉପାୟ ଚିନ୍ତା କରିବା । (ଶ୍ରୀରାଧାଙ୍କ ହସ୍ତଧରି ବୃନ୍ଦା ଅଗ୍ରସର ହୁଅନ୍ତେ ଅନ୍ୟ ସଖୀମାନେ ସେମାନଙ୍କ ପଶ୍ଚାତ୍ ଅନୁସରଣ କଲେ ।)

[ଯବନିକା ପତନ]

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଦିବା ପ୍ରଥମ ପ୍ରହର । ଯମୁନାତଟରେ ବଂଶୀବଟ ମୂଳେ ଶ୍ରୀକୃଷ୍ଣ ଓ ମଧୁମଙ୍ଗଳ ଶ୍ରୀମତୀଙ୍କ ଆଗମନ ପ୍ରତ୍ୟାଶାରେ ଅପେକ୍ଷା କରିଅଛନ୍ତି ।]

ମଧୁମଙ୍ଗଳ—(ଆଶ୍ଚର୍ଯ୍ୟରେ) କଣ ! ଏହି ମାର୍ଗ ଦେଇ ଯମୁନାକୁ ଗଲେ, ଦେଖିପାରିଲ ନାହିଁ ?

ଶ୍ରୀକୃଷ୍ଣ—କାହିଁ ? ମୁଁ ତ ଦେଖିପାରିଲି ନାହିଁ ବୟସ୍ୟ !

ମଧୁମଙ୍ଗଳ—(ମନୋଯୋଗ ପୂର୍ବକ ଶ୍ରବଣ କରି) ଶୁଣ-ଶୁଣ ସଖେ ! ଶ୍ରୀମତୀଙ୍କ ନୂପୁରର ପ୍ରଶସ୍ତ ମଧୁର-ଧ୍ୱନି ଶ୍ରୀଯମୁନା ତଟସ୍ଥ କମଳ ବନସ୍ଥିତ କଳହଂସର କଳ କଣ୍ଠ କୂଜନକୁ ମୃଦ୍ଧା ଧିକ୍କାର କରି ଦୂରରୁ ଅଳ୍ପଅଳ୍ପ ଶୁଣା ଯାଉଅଛି ।

ଶ୍ରୀକୃଷ୍ଣ--(ଶୁଣିବାକୁ ଚେଷ୍ଟା କରି) ନା ସଖେ, ମୁଁ ତ ଶୁଣି ପାରୁନାହିଁ ।

ମଧୁମଙ୍ଗଳ—ତେବେ ଅପେକ୍ଷା କର, ଯମୁନାରେ ସ୍ନାନ ସାରି ଏହିକ୍ଷଣି ବୃଷଭାନୁ ନନ୍ଦିନୀ ଫେରି ଆସିବେ । କିନ୍ତୁ ସାବଧାନ, ରାଧିକା କୁଳବଧୂ, ସଙ୍ଗରେ ନଣନ୍ଦ ଅଛି, ଚାପଲ୍ୟ ପ୍ରକାଶ କରିନାହିଁ ।

Digitized by srujanika@gmail.com

ଶ୍ରୀକୃଷ୍ଣ--ନା ବୟସ୍ୟ, ମୁଁ ଏତେଦୂର ପାଗଳ ନୁହେଁ । କେବଳ ତାହାଙ୍କୁ ଦେଖିବ, ଏକବାର ଦେଖିବ । ଥରେ ମାତ୍ର ମିଳନରେ ଆଶାର ତୃପ୍ତି ହେଲା ନାହିଁ, ପୁଣି ତାହା ସନ୍ଧିକାଳରେ । ବିଦ୍ୟୁଲ୍ଲତା ଥରେ ମାତ୍ର ଦେଖା ଦେଇ ଲୁଚିଗଲେ ।—ଆହା ! (ଶ୍ରୀମତୀଙ୍କ ରୂପ ମନେ ହୋଇ—)

ରାଗ—ହନୁମାନ ତୋଡ଼ି । ତାଳ—ଅଢ଼
ମୂର୍ଚ୍ଛି ହେବକି ଏ ମୋର ଜୀବନରେ
ପ୍ରେମ ମୂରତ କି । ଘୋଷା ।
୧—ଶଶିବଦନ ସୁଘଟନ ମୋ ନୟନ ।
ନବ ରୁଚ ଧରେ ଅନୁକ୍ଷଣେ,
ନରୁଚଇ ଆନେ ସେ ଛବ ବସ୍ତନେ
ଲଳିତାଙ୍ଗୀ ହେମ-ଦାମ-ଦ୍ୟୁତି
ପ୍ରେମ ମୂରତିକି । ମୂର୍ଚ୍ଛି— ।

[କ୍ଷଣେ ଶ୍ରୀରାଧାଙ୍କ ମଧୁର ମୂର୍ତ୍ତି କଳ୍ପନା କରି] କି ସଖେ ! ଅଦ୍ୟୁର ଆସିଲେ ନାହିଁ ?

ମଧୁମଙ୍ଗଳ—ଅହୋ—ଏପରି ଅଧୀର ହୁଅନାହିଁ ସଖେ ! ଏହି କ୍ଷଣି ଆସିବେ । (ଦୂରରୁ ଶ୍ରୀରାଧାଙ୍କୁ ଆସୁଥିବା ଦେଖି) ସଖେ—ସଖେ ! ଅନ୍ତରାଳକୁ ଆସ, ଅନ୍ତରାଳକୁ ଆସ । (ଶ୍ରୀକୃଷ୍ଣଙ୍କ ହସ୍ତଧରି ଅନ୍ତରାଳ ଅଢ଼େ ଟାଣିବାକୁ ଲାଗିଲେ ।)

Digitized by srujanika@gmail.com

ଶ୍ରୀକୃଷ୍ଣ—(ଅନ୍ତରରେ) କାହିଁ—କାହିଁ ? କେଉଁଠାରେ ?—
(ଶ୍ରୀମତୀଙ୍କୁ ଚଞ୍ଚଳ ନୟନରେ ଦୂରରୁ ଦେଖି)
ଆହା ହା ! କି ପ୍ରେମମୟୀ, ରସମୟୀ, ଚିତ୍ତୋନ୍ମାଦକାରି-
ଆନନ୍ଦ-ଲୀଳା-ତରଙ୍ଗ !

ରାଗ—ଖର ହରପ୍ରିୟା । ତାଳ-ରୂପକ ।

ପ୍ରଫୁଲ୍ଲ ପଙ୍କଜ ଆନନ ସୁନ୍ଦର
ସରଗ ଗୃନ୍ଦଙ୍କ ଖେଳ ଅସଇ ।
ବଧୂଲି ଅଧରେ ମୃଦୁମନ୍ଦ ହାସ
ଆହା କି ମଞ୍ଜୁଳେ ନାଚ ଉଠଇ । ଘୋଷା ।

୧— ପୁଷ୍ପ କଳିକା ଅଙ୍ଗୁଳି ଦେଖି
ଭ୍ରମରେ ଅଳି ଉଡ଼ନ୍ତି ଲାଖି,
ସ୍ୱେଦ ସେବନେ ହୁଅନ୍ତି ସୁଖୀ
ଆନନ୍ଦ ଲଭନ୍ତି କି ?
ମଧୁପ ଆସି ବଦନେ ବସି
ମଧୁରେ ଚୁମ୍ବଇ । ପ୍ରଫୁଲ୍ଲ— ।

ସଖେ ! ଦେଖ, ପ୍ରଫୁଲ୍ଲ ମୁଖ-କମଳେ ଦରବିକସିତ ଭ୍ରବୋ-
ଦ୍ଗମ, ଧାନସ୍ତିମିତ ନେତ୍ର ପ୍ରାନ୍ତର ମୁଗ୍ଧ-ଚକିତ-
ଦୃଷ୍ଟି କି ମନୋହର ! ଆହା —

ମଧୁମଙ୍ଗଳ—(ବାଧା ଦେଇ) ଛି ସଖେ ! ଏପରି ବ୍ୟସ୍ତ ହୋଇ
ସମସ୍ତ ଆୟୋଜନ ପଣ୍ଡ କର ନାହିଁ । ସଙ୍ଗରେ
କୁଟିଳା ଅଛି; କୁଟିଳା ନାମରେ ଯେପରି କାର୍ଯ୍ୟରେ
ମଧ୍ୟ ସେହିପରି । ଆମ୍ଭମାନଙ୍କୁ ପଥ ମଧ୍ୟରେ ଦେଖିଲେ

Digitized by srujanika@gmail.com

ନାନା ପ୍ରକାର ସନ୍ଦେହ କରିବ; ଶ୍ରୀମତୀଙ୍କ ଲାଞ୍ଛନାର ସୀମା ରହିବ ନାହିଁ । ଅସ, ଅନ୍ତ୍ରରାଳକୁ ଅସ ।
[ଶ୍ରୀମତୀଙ୍କ ରୂପ-ସୁଧା ପାନେ ବିଭୋର ଶ୍ରୀକୃଷ୍ଣଙ୍କୁ ମଧୁମଙ୍ଗଳ ଅନ୍ତରାଳକୁ ଟାଣି ନେଇ ଗଲେ]

[ଶ୍ରୀରାଧା ଅନୁସନ୍ଧିତ୍ସୁ ନୟନରେ ଏଣେ ତେଣେ ଚାହିଁ ଚାହିଁ ପ୍ରବେଶ କଲେ]

ଶ୍ରୀରାଧା—(ସ୍ୱଗତ) କାହିଁ ? କେଉଁଠାରେ ? ବୃନ୍ଦା କହୁଥିଲେ, ସେହି ଭୁବନମୋହନ, ନବ କିଶୋର, ମୋହନ-ମୁରଲୀଧର ଶ୍ୟାମସୁନ୍ଦର ମୋତେ ଦେଖିବା ସକାଶେ ଆଶା-ପଥ ଚାହିଁ ରହିଅଛନ୍ତି । ମୋତେ ଦେଖିବା ସକାଶେ ? ମୋତେ ? ଏହି ଦାସୀକୁ ? ସତେ କି ଅଭାଗିନୀ ରାଧା ପ୍ରତି ବିଧାତା ଏତେଦୂର ସୁପ୍ରସନ୍ନ ? ସତେ କି ସେହି କରୁଣାମୟ କିଶୋର ଲୀଳାମୃତ ନୟନ-ଯୁଗଳରେ ଏହି ଦାସୀକୁ ନିରୀକ୍ଷଣ କରିବେ ?
[ଧୀରେ ଧୀରେ କୁଟିଳା ପ୍ରବେଶ କଲେ]

କୁଟିଳା—(ବିରକ୍ତିରେ) କି ଲୋ ରାଧେ ! ପଥ ଦେଖି ଚାଲିବାକୁ କହୁଛି ପରା ?

ଶ୍ରୀରାଧା—ପଥ ଦେଖି ତ ଚାଲୁଛି ।

କୁଟିଳା—ଏହାର ନାମ କି ପଥ ଦେଖା ? ପଥ ଦେଖି ଚାଲିଲେ ଆଖି ଦୁଇଟି ଚାରିଆଡ଼େ ବୁଲୁଛି କାହିଁକି ?—
(ହଠାତ୍ କୁଟିଳାଙ୍କ ପାଦରେ କଣ୍ଟା ଗଳିଗଲା ।)

Digitized by srujanika@gmail.com

ଓହୋ ହୋ ! ଗଣ୍ଡର କଣ୍ଟା ବି ଫୋଟିଲା ଗୋ ମା !
(ବସି ପଡ଼ି କଣ୍ଟା କାଢ଼ିବାରେ ପ୍ରବୃତ୍ତ ହେଲେ)

ଶ୍ରୀରାଧା—(ଅନ୍ତରରେ ସ୍ମରଆନନ୍ଦ ଗୁହାଁ ସ୍ୱଗତ) କାହିଁ ? କେଉଁଠାରେ ତ ସେହି ମାନସୋନ୍ମାଦକର ମୂର୍ତ୍ତିକୁ ଦେଖିପାରୁ ନାହିଁ । ତେବେ କ ବୃନ୍ଦା ମିଥ୍ୟା କହିଲେ? (ବୃକ୍ଷାନ୍ତରାଳରେ ହଠାତ୍ ଶ୍ରୀକୃଷ୍ଣଙ୍କୁ ନିରୀକ୍ଷଣ କରି) ନା ନା, ହେଉଟିତ, କେଳୀକଦମ୍ବ ଅନ୍ତରାଳରେ ପ୍ରିୟ ସଖା ମଧୁମଙ୍ଗଳଙ୍କ ହସ୍ତଧରି ଦଣ୍ଡାୟମାନ ଅଛନ୍ତି । ହେଉଟିତ ମୋର ପ୍ରେମମୟ, ହୃଦୟ ସର୍ବସ୍ୱ, ମୁରଲୀଧର !

କୁଟିଳା—(ଉଠି ବିରକ୍ତରେ) କି ଗୋ ! ଗୁଲି ଗୁଲି ଏପରି ଠିଆ ହୋଇ ପଡ଼ିଲ ? ଦେଖ ରାଧେ ! ମୁଁ ସ୍ପଷ୍ଟ କହୁଛି, ଅଜବାଲି ତୁମର ଭାବଗତି ମୁଁ କିଛି ଭଲ ଦେଖୁନାହିଁ ।

ଶ୍ରୀରାଧା—କ'ଣ ଦେଖିଲ କି ?

କୁଟିଳା—ଆଉଣ କଣ ଦେଖିବାକୁ ହେବ ? ଯମୁନାକୁ ଯାଇ ପାଣିରେ ବୁଡ଼ି ରହିଲ ଘଡ଼ିଏ, କେତେ ଡକାଡ଼କିରେ ଉପରକୁ ଉଠି ଲୁଗା କାଚିବାକୁ ବସିଲ, ପାଦ ଘସିବାକୁ ଆଉ ଘଡ଼ି ଘଡ଼ି, ଏବେ ବାଟ ଚାଲୁଛ ପାଦ ଗଣି ଗଣି । ତୁମେ ରାଜାଙ୍କ ଝିଅ, ଯାହା କଲେ ମଧ୍ୟ ସୁନ୍ଦର ଦିଶିବ; ଆମେମାନେ ତ ଭଜେ ନଜେ ସବୁ ନକଲେ ଚଳିବ ନାହିଁ । ଏପରି ଚାଲିଲେ ତ ଏଡ଼

Digitized by srujanika@gmail.com

ବର୍ଷ ମଧ୍ୟରେ ଘରେ ପହଞ୍ଚିବ କି ନାହିଁ ସନ୍ଦେହ ।
ଘରକୁ ଯିବାକୁ ଇଚ୍ଛା ଅଛି କି ନାହିଁ କହନ୍ତଅ ।

ଶ୍ରୀରାଧା—ଘରକୁ ତ ଯାଉଛନ୍ତି । [ସ୍ୱଗତ] ହା ଭଗବନ୍ ! ବର୍ତ୍ତମାନ ମୁଁ କଣ କରିବ ? ପାଦତ ଟଳେ ସୁଦ୍ଧା ଅଗ୍ରସର ହେଉନାହିଁ । (କ୍ଷଣେ ସ୍ଥିର ଅନନ୍ୟୋପାୟ ହୋଇ କୌଶଳରେ ଗଳାର ମୁକ୍ତାମାଳା ଛିଣ୍ଡାଇ ଦେଲେ) ଯା ! ସର୍ବନାଶ !

କୁଟିଳା—କଣ ହେଲା ଆଉଥରେ ?

ଶ୍ରୀରାଧା ମୁକ୍ତାମାଳାଟି ଛିଣ୍ଡିଗଲା ।

କୁଟିଳା—(କ୍ରୋଧ ଓ ବକ୍ରୋକ୍ତି ସହ) ଛିଡ଼ି ଗଲା ? ଏପରି ମୁକ୍ତାହାର, ଯେଉଁଟି କାଲି ଗୁନ୍ଥାଇ ପିନ୍ଧିଥିଲ, ଏଥିମଧ୍ୟରେ ଛିଣ୍ଡାଇ ଦେଲ ?—ହେଉ, ଯେପରି କାର୍ଯ୍ୟ ସେପରି ଫଳ ଭୋଗ କର । ନିଜେ ବସି ମୁକ୍ତା ବାଛୁଥାଅ; ତୁମ ସକାଶେ ସବୁ କାର୍ଯ୍ୟ ଛାଡ଼ି ମୁକ୍ତା ବାଛି ବସି ପାରିବି ନାହିଁ । ମୁଁ ଯାଉଛି । (ପ୍ରସ୍ଥାନୋଦ୍ୟତ)

ଶ୍ରୀରାଧା—ତୁମେ ଗଲେ କିପରି ହେବ ?

କୁଟିଳା—(ଯାଉ ଯାଉ କ୍ରୋଧରେ) କିପରି ହେବଟି ତୁମେ ଜାଣ । ତୁମ ବାପର ଧନ, ଇଚ୍ଛା ହେଲେ ବାଛି ଅଣ, ନୋହିଲେ ଛାଡ଼ି ଦେଇ ଅସ । ମୁଁ ଆଉ ତୁମ ସକାଶେ ରହିପାରିବ ନାହିଁ । (ପ୍ରସ୍ଥାନ କଲେ)

Digitized by srujanika@gmail.com

ଶ୍ରୀରାଧା—(ସତୃଷ୍ଣ ନୟନରେ ଶ୍ରୀକୃଷ୍ଣଙ୍କୁ ଚାହିଁ ରହି ସ୍ୱଗତ)

ଆହା ! କି ଅତୁଳ ରୂପମାଧୁରୀ !—

"ଏତନ୍ନାମ ବିଭୂଷଣଂ ବହୁମତଂ ବେଶାୟ ଶେଷୈରଲଂ
ବକ୍ତ୍ରଂ ଦ୍ୱିତ୍ରି ବିଶେଷ କାନ୍ତିଲହରୀ ବିନ୍ୟାସ-ଧନ୍ୟାଧରମ୍
ଶିଳ୍ପୈରଳ୍ପଧିୟାମଗମ୍ୟ ବିଭବୈଃ ଶୃଙ୍ଗାରଭଙ୍ଗୀମୟଂ
ଚିତ୍ରଂ ଚିତ୍ରମହୋ ବିଚିତ୍ରମହହୋ ଚିତ୍ରଂ ବିଚିତ୍ରଂ ମହଃ ॥"

ରାଗ-ନଟକୁରଙ୍ଗୀ, ତାଳ—ଅଦ ।

ସତେ ଏକି ମନ ମୋହନ-
ସ୍ୱରୂପ ଦେଖିଲି ଏ ନୟନ । ଘୋଷା ।
୧—ତୁଳନାରେ ଏହା ସମାନ
ନାହିଁ ନିଖିଳ ତ୍ରିଭୁବନ
ସେହି ଏ ରାଜୀବ ଚରଣ
ସଫଳ ହେବ କି ମୋ ଜୀବନ । ସତେ—

ଅହା ! କି ନୀଳୋତ୍ପଳଦଳ ରୁଚି, ତ୍ରିଭୁବନ-ମନୋହର, ଅଖିଳ ରସାମୃତ ମୂର୍ତ୍ତି ଶ୍ରୀ ବିଗ୍ରହ ! ନୟନ ! ଆଜି ତୋର ଚିରବାଞ୍ଛିତ ଆଶା ସଫଳ କର । (ଅପଲକ ନୟନେ ଶ୍ରୀକୃଷ୍ଣଙ୍କ ରୂପ-ସୁଧା ପାନ କରିବାକୁ ଲାଗିଲେ)

[ବୃନ୍ଦା ହସି ହସି ସେଠାରେ ଉପସ୍ଥିତ ହେଲେ]

ବୃନ୍ଦା—କିଗୋ ଶ୍ରୀମତି ! ହାର କଣ୍ଠେ ଛିଡ଼ିଗଲା ନା ଇଚ୍ଛା କରି ଛିଣ୍ଡାଇ ଦେଲ ? ଶ୍ରୀକୃଷ୍ଣ ଦର୍ଶନ ସକାଶେ ଗଜ-ମୁକ୍ତାହାର ଛିଣ୍ଡାଇ ଦୁର୍ମୁଖୀ ଜଣଙ୍କୁ ନିକଟରୁ ଦୂର କରିବା ଖେଳା ଖୁବ୍ ସୁନ୍ଦର ହୋଇଛି ।

Digitized by srujanika@gmail.com

ଶ୍ରୀରାଧା—(ବୃନ୍ଦାଙ୍କ ଚଳାଧରି) ସଖି ! ମୋର କି ହେବ ? ମୋର ହୃଦୟ ଭୟରେ କମ୍ପୁଛି ।

ବୃନ୍ଦା—(ସହାସେ) କମ୍ପିବାର ତ କଥା, ଶ୍ୟାମ-ପ୍ରେମାରଣ୍ୟରେ ପଡ଼ି ତ ପଥ ହରାଇଲଣି । (ମୁକ୍ତା ଗୁଡ଼ିକ ବାଛିବାକୁ ଲାଗିଲେ)

ଶ୍ରୀରାଧା—ଯଥାର୍ଥ ବୃନ୍ଦେ ! ମୁଁ ପଥ ହରାଇ ବସିଛି । (କାତରେ) କହିଦିଅ ବୃନ୍ଦେ ! ଦେଖାଇ ଦିଅ ସଖି ! ମୁଁ କେଉଁ ପଥରେ ଯିବି । ହାୟ ! ଏକ ଅଡ଼େ ଶ୍ୟାମ, ଅନ୍ୟ ଆଡ଼େ କୁଳ ମାନ ସମ୍ଭ୍ରମ, ମଧ୍ୟରେ ମୁଁ ପଥହରା, ଜ୍ଞାନହରା, ଗତି ବିହୀନ ଅବଳା, କହିଦିଅ ବୃନ୍ଦେ, ମୁଁ କେଉଁ ପଥରେ ଯିବି ।—

ରାଗ—ଶ୍ରୀ, ତାଳ—ଆଡ଼ ।

ବୃନ୍ଦେ ଗୋ ତାରି ଏ ସଙ୍କଟୁ ମୋତେ । ଘୋଷା ।
ସାହା ମୋ ତବ ବିନା କେ ସଂସାରେ । ଉପଘୋଷ: ।

୧—ଶ୍ୟାମ ମୋହନ ପ୍ରେମ ସାଧନ,
କୁଳ ଗଉରବ ମାନ ସମ୍ଭ୍ରମ,
କା'କୁ ତେଜିବି କାହାକୁ ସେବିବି
ଜାଣି ନପାରି ମୁଁ ଅକୁଳ ଅନ୍ତରେ । ବୃନ୍ଦେ-।

(ଶ୍ରୀକୃଷ୍ଣଙ୍କୁ ଧୀରେ ଧୀରେ ସେହି ଆଡ଼େ ଅଗ୍ରସର ହେଉଥିବା ଦେଖି କାତରେ) ସଖି ! ସଖି ! ହାୟ, ଶ୍ୟାମ ଯେ ଏହି ଆଡ଼େ ଆସୁଛନ୍ତି !

Digitized by srujanika@gmail.com

ବୃନ୍ଦା—(ସହାସ୍ୟେ) ଏଥିକି ଏତେ ଭୟ କାହିଁକି ? ଅସନ୍ତୁ,
ଯାହାଙ୍କୁ ଦେଖିବା ସକାଶେ ବାଉଳ ହୋଇ ଯାଉଥିଲ,
ଏବେ ସେ ନିକଟକୁ ଅଗ୍ରୁଛନ୍ତି ବୋଲି ଭୟରେ
କମ୍ପୁଛ ?

ରାଗ— ଖରହରପ୍ରିୟା, ତାଳ—ଆଡ଼ ।
କାହିଁକି ଏ ଭାବନା ଚନ୍ଦ୍ରବଦନା । ଘୋଷା ।
୧—ନୂଆପର ଭାବ ଏକି ଅସମ୍ଭବ,
ବଂଶୀଧାରୀ ତୁମ୍ଭ ସ୍ନେହାଧୀନ ପିନା । କାହିଁକି । *

[ଶ୍ରୀକୃଷ୍ଣ ଅଦୂର ଅଗ୍ରସର ହେଉଥିବା ଦେଖି ଶ୍ରୀରାଧା ଭୟରେ ବୃନ୍ଦାଙ୍କ ପଛକୁ ଯାଇ ଅଞ୍ଚଳ ଧରି ଛିଡ଼ା ହେଲେ]

ଶ୍ରୀରାଧା—(ଭୟରେ ଅକୁଳ ହୋଇ) ହାୟ ସଖି ! ମୋତେ
ରକ୍ଷା କର ।

ବୃନ୍ଦା—(ସହାସ୍ୟେ)

* ୨—ଭୟ ଚନ୍ଦ୍ରେ ବନ୍ଧୁ ଅଗୋ ପ୍ରିୟ ସନ୍ଧ
ପଛଘୁଞ୍ଚା ଦେଇ ଅଞ୍ଚଳ ଧରନା । କାହିଁକି ।
୩— ଯାଙ୍କ ଦରଶନେ ଅଭିଳାଷେ ମନ-
ବଳାଇ ବନ୍ଧନ ଆସିଛ ସେ ପିନା । କାହିଁକି —

ଏଥିକି ଏତେ ଭୟ କାହିଁକି ? ଆସନ୍ତୁ ସେ; ଦୁଇ
ଶୁଭ କଥା ହୋଇ ତାଙ୍କର ଇଚ୍ଛା କି ବୁଝିନଅ ।
ଏପରି ଦୂରେ ଦୂରେ ରହି, ଲୁଚି ଲୁଚି ଆଉ କେତେ
ଧନ ଦେଖିବ ? ଓଷ ଧନତ ନିକଟରେ ପାଇ ସୁଦ୍ଧା

Digitized by srujanika@gmail.com

ଲଜ୍ଜାରେ ମୁଖ ଟେକି ପାରୁନ ନାହିଁ; ଅନ୍ୟ ହେଲେ ଯେ ଯାହାର ମନୋଭାବ ପ୍ରକାଶ କର ।

ଶ୍ରୀରାଧା—ତା କିପରି ହେବ ବୃନ୍ଦେ ? ମୁଁ ଯେ କୁଳବଧୂ; ମୁଖର ନଣନ୍ଦ ସମସ୍ତ ଦେଖି ଯାଉଛନ୍ତି ।

ବୃନ୍ଦା - (ସହାସ୍ୟେ) ହା ହରି ! ଅଭିଗିନୀ ନଣନ୍ଦ କ'ଣ ଦେଖିବାର ଜାଣେ, ନା ତାର ଚକ୍ଷୁ ଅଛି ? ତୁମେ କିଛି ଭୟ କରନାହିଁ । — ସଖି ! (ଶ୍ରୀକୃଷ୍ଣଙ୍କ ଆଡ଼େ ଚାହିଁ) ଦେଖ-ଦେଖ ରାଧେ ! ତୁମର ହୃଦୟସ୍ଥ ସର୍ବସ୍ୱ ଦର୍ଶନାକୁଳିତ ନୟନରେ ଧୀରେ ଧୀରେ କିପରି ଅଗ୍ରସର ହେଉଛନ୍ତି ! ଆହା !—

"ଅନ୍ଦୋଳତାଗ୍ର ଭୂଜମାକୁଳ ଲୋଳ ନେତ୍ର—
ମାର୍ଦ୍ରସ୍ମିତାର୍ଦ୍ର ବଦନାମ୍ବୁଜ ଚନ୍ଦ୍ର ବିମ୍ବମ୍
ସିଞ୍ଜାନ ଭୂଷଣ ଶତଂ ଶିଖି ପିଚ୍ଛମୌଳିଂ
ସ୍ତ୍ରୀଣାଂ ବିଲୋଚନ-ରସାୟନ ମଭ୍ୟୁପୈତି ॥"

ଏକି ! କେଳିକଦମ୍ବ ମୂଳେ ମୁରଲୀ ହାତେ ତୁମ ଶ୍ୟାମସୁନ୍ଦର ଅସି ଅସି ଛିଡ଼ା ହୋଇ ପଡ଼ିଲେ ! ଲଜ୍ଜାରେ ବୋଧହୁଏ ନିକଟକୁ ଆସିପାରୁ ନାହାନ୍ତି । କିନ୍ତୁ ଆହା! କି ଶୋଭା ! ତୁମ ଦର୍ଶନ ଜନିତ ଆନନ୍ଦେ, ତୁମ ଅଙ୍ଗସ୍ପର୍ଶ-ସୁଖାଭିଳାଷରେ ଆଗ୍ରହ ପୂରିତ ଅନ୍ତର, ରସିକ ଶେଖର ବ୍ରଜେଶ୍ୱରଙ୍କ ଆଜ କି ଅପୂର୍ବ ଶୋଭା ଦେଖ ସଖି ! (ଦେଖି କ୍ଷଣେ ଭାବି ସହାସେ) ଓ ହୋ ! ଏତେବେଳେ ମୁଁ ବୁଝିପାରୁଛି । ମୁଁ ତୁମ ନିକଟରେ

Digitized by srujanika@gmail.com

ଅଛୁ ବୋଲି ସେ ତୁମ ନିକଟକୁ ଆସି ପାରୁନାହାନ୍ତି ତାହାହେଲେ ତୁମମାନଙ୍କ ପ୍ରେମାଳାପର ପ୍ରତିବନ୍ଧକ ସ୍ୱରୂପ ମୁଁ ଏଠାରେ କାହିଁକି ରହିବି ? ମୁଁ ଯାଏ । (ହସି ହସି ପ୍ରସ୍ଥାନ କଲେ)

ଶ୍ରୀରାଧା — [ଭୟାକୁଳିତ ହୋଇ] ନା-ନା ସଖି ! ମୋତେ ଏକାକିନୀ ରଖି ତୁମେ ଯାଅନାହିଁ ; ମୋର ବଡ଼ ଭୟ ହେଉଛି । ଅପେକ୍ଷା କର ବୃନ୍ଦେ, ମୁଁ ଆସୁଛି । (ସତ୍ୱରେ ବୃନ୍ଦାଙ୍କ ଅନୁସରଣ କଲେ)

ଦ୍ୱିତୀୟ ଦୃଶ୍ୟ

[ଅପରାହ୍ଣ ତୃତୀୟ ପ୍ରହର ସମୟରେ ବନପଥରେ ବୃନ୍ଦା ଓ ମଧୁମଙ୍ଗଳ କଥୋପକଥନ କରି କରି ପ୍ରବେଶ କଲେ]

ମଧୁମଙ୍ଗଳ — ସେହି କୁଞ୍ଜମିଳନହିଁ ଏହି ସର୍ବନାଶର ମୂଳ ।

ବୃନ୍ଦା — ତା ବୋଲି ମୁଁ କଣ କରିବି ? ଆଉ ମୋତେ ଅନୁରୋଧ କର ନାହିଁ ମଧୁମଙ୍ଗଳ ! ଏକି ସହଜ କଥା ? ଥରେ ମିଳନ କରାଇବା ପାଇଁ କେତେ କଷ୍ଟ, କେତେ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି ମୁଁ ଜାଣେ, ସେଥିରେ ପୁଣି ଶ୍ରୀମତୀ ବର୍ତ୍ତମାନ ଶ୍ୱଶୁର ଗୃହରେ; ଏପରି ଅବସ୍ଥାରେ ଯମୁନା ବାହୁଡ଼ିବା ବେଳେ

Digitized by srujanika@gmail.com

ଯାହା ପୁନର୍ବାର ସାକ୍ଷାତର ଯୋଗାଡ଼ କରି ଦେଲ,
ତେତିକି ଯଥେଷ୍ଟ; ଏଥର ସେ ନଜର କାର୍ଯ୍ୟ ନଜେ
କରି ନଅନ୍ତୁ । ମୋ ଦ୍ୱାରା ଅଉ କିଛି ହୋଇପାରିବ
ନାହିଁ ।

ମଧୁମଙ୍ଗଳ—ବୃନ୍ଦେ ! ତୁମେ ସେପରି କହିଲେ କିପରି ହେବ?
ତାହାଠାରୁ ଅତି ଦୂରରୁ ଦର୍ଶନ ମାତ୍ର; ସେଥିରେ ଉତ୍କଣ୍ଠା
ଊଣା ନହୋଇ ବରଂ ବୃଦ୍ଧି ହୋଇଛି । ଶ୍ରୀମତୀଙ୍କ
ମୋହନୀ ମୂର୍ତ୍ତିରେ କି ମାଦକତା ଅଛି କି, ଶୟନେ,
ସ୍ୱପନେ, ସଦନେ, କାନନେ ସେହି ଉନ୍ମାଦକର ମୂର୍ତ୍ତି
ନୂତନ ନୂତନ ଭାବେ ଦେଖା ଦେଇ ସଖାଙ୍କୁ ବେଳକୁ
ବେଳ ବିହ୍ୱଳ କରି ଦେଉଛି ।

ବୃନ୍ଦା—ମଧୁମଙ୍ଗଳ ! ପ୍ରିୟଜନର ମଧୁର ମୂର୍ତ୍ତି ପ୍ରତି ମୁହୂର୍ତ୍ତେ
ନବନବାୟମାନ ଭାବେ ଅନୁଭୂତ ହେବା ଅନୁରାଗର
ସ୍ୱଭାବ, ସେଥିରେ ପୁଣି ବିଶ୍ୱବିମୋହିନୀ ଶ୍ରୀମତୀଙ୍କ ମୂର୍ତ୍ତି,
ଦର୍ଶନ ମାତ୍ରେ ଉନ୍ମତ୍ତ ହେବା କଥା ।

ମଧୁମଙ୍ଗଳ—ଯଥାର୍ଥ ବୃନ୍ଦେ ! ବର୍ତ୍ତମାନ ପ୍ରାଣସଖାଙ୍କର ଯେପରି
ଅବସ୍ଥା ହେଲାଣି, ସେଥିରେ ଶୀଘ୍ର ମିଳନ ନହେଲେ
ସେ ବଞ୍ଚିବେ କି ନା ସନ୍ଦେହ ।

ବୃନ୍ଦା—(ମୃଦୁହାସ୍ୟେ) ହାଁ !

ମଧୁମଙ୍ଗଳ—ମୁଁ ମିଥ୍ୟା କହୁନାହିଁ ବୃନ୍ଦେ ! ତୁମେ ତାହାଙ୍କୁ
ଥରେ ଦେଖିଲେ ବୁଝି ପାରିବ ।

Digitized by srujanika@gmail.com

ବୃନ୍ଦା—ଅଗ୍ର, ମୁଁ ତାଙ୍କ ସଙ୍ଗେ ଥରେ ସାକ୍ଷାତ କରିବ; ଶ୍ରୀକୃଷ୍ଣ ବର୍ତ୍ତମାନ କେଉଁଠାରେ ଅଛନ୍ତି ?

ମଧୁମଙ୍ଗଳ—ଅଉ କି ଶ୍ରୀକୃଷ୍ଣ ବୃନ୍ଦେ ! ଦେଖିବ ଚାଲ, ଯମୁନା କୂଳେ ତୃଣ ଶଯ୍ୟାରେ ପଡ଼ି ଗଡ଼ୁ ଅଛନ୍ତି; ଚକ୍ଷୁରୁ ଅବିଶ୍ରାମ ଜଳଧାରା ବହୁଛି; ବାହ୍ୟଜ୍ଞାନ ସମ୍ପୂର୍ଣ୍ଣ ତିରୋହିତ ।

ବୃନ୍ଦା—ମଧୁମଙ୍ଗଳ ! କେବଳ ଏ ଅଡ଼େ ନୁହେଁ, ସେ ଆଡ଼େ ମଧ୍ୟ ଶ୍ରୀମତୀଙ୍କ ଅବସ୍ଥା ତତୋଧିକ ଶୋଚନୀୟ । ପ୍ରଫୁଲ୍ଲେନ୍ଦୁବଦନ, ନବକିଶୋର ଶ୍ୟାମସୁନ୍ଦରଙ୍କ ସ୍ୱଭୋଚଗାର—ନେତ୍ରପ୍ରାନ୍ତେ ଲୀଳାଚଞ୍ଚଳ ଦୃଷ୍ଟି, ଆର୍ଦ୍ର ଜଳଦନା, ଗମ୍ଭୀର ବିଳାସଶୋଭିତ ମନ୍ଥର ଗତି, ଆକୁଳ ଉନ୍ମାଦ ହାସ୍ୟ ଇତ୍ୟାଦି ଶ୍ରୀମତୀଙ୍କୁ ଉନ୍ମାଦିନୀ କରି ଦେଲାଣି । ରସ ବିଳାସ ନାଗର ଶ୍ରୀକୃଷ୍ଣଙ୍କ କୈଶୋର ସୌନ୍ଦର୍ଯ୍ୟ ତରୁଣ-ଅରୁଣ-କିରଣ ଦ୍ୱାରା ମୃଦୁ ମୁଦିତ ନୟନ ପ୍ରାନ୍ତର ଏକ କଣିକା କଟାକ୍ଷ-ସୁଖ-ମାଧୁର୍ଯ୍ୟ-ସୁଧା ଲୁବ୍ଧା ଶ୍ରୀମତୀ ବର୍ତ୍ତମାନ ନିଜର ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରିବାକୁ ବ୍ୟଗ୍ର ହେଲେଣି । ତାହାଙ୍କୁ ଗୃହ ମଧ୍ୟରେ ଆବଦ୍ଧ କରି ରଖିବା କି କଷ୍ଟକର ହେଲାଣି, ଅମ୍ଭେମାନେ ଜାଣୁ ।

ମଧୁମଙ୍ଗଳ—ତେବେ ବୃନ୍ଦେ ! ଏହି ଉନ୍ମତ୍ତ ପ୍ରଣୟି-ଯୁଗଳଙ୍କ ମଧୁର ମିଳନ ନକରାଇ ଉଭୟଙ୍କୁ ଏପରି-ମର୍ମଦାହୀ ଯନ୍ତ୍ରଣା ଦେବାର ଫଳ କି ?

Digitized by srujanika@gmail.com

ବୃନ୍ଦା—ମଧୁମଙ୍ଗଳ ! ଶ୍ରୀମତୀ ଯେ କୁଳବଧୂ, ଏକଥା କି ବିସ୍ମୃତ ହୋଇଛ ? ଶ୍ରୀମତୀଙ୍କ ପକ୍ଷେ କୁଞ୍ଜ ମିଳନ ଯେ କେତେ ବିପଦ୍ଜନକ ତାହା ତୁମେ ଜାଣ ନାହିଁ । ନଣନ୍ଦ ଜଟିଳା-ମୁହିଁର ପୂର୍ବରୁ ସନ୍ଦେହ ହେଲାଣି, ତେଣୁ ସେ କ୍ଷଣେ ସୁଦ୍ଧା ଶ୍ରୀମତୀଙ୍କ ପାଖ ଛାଡ଼ୁ ନାହିଁ ।—

[ଭାବେ ବିଭୋର ଶ୍ରୀକୃଷ୍ଣ ରାଧାଗୁଣ ଗାନ କରି କରି ସହସା ପ୍ରବେଶ କଲେ]

ଶ୍ରୀକୃଷ୍ଣ—

ରାଗ—ମୁଖାରି, ତାଳ—ଆଡ଼ ।

ରାଧା ନାମ-ସୁଧା କି ମଧୁର । ଘୋଷା ।
କରଇ ଅଧୀର ଆକୁଳ ଅନ୍ତର । ଉପଘୋଷା ।
୧—ପ୍ରେମର ବା ଆଧାର କି ମୋହନ ମନ୍ତ୍ର
ହେଲେ ଶ୍ରୁତ ଗୋଚର ଧୃତ କରେ ଅସ୍ଥିର
ମୋହେ ନିରନ୍ତର । ରାଧା— ।

ମଧୁମଙ୍ଗଳ—ଏକି ସଖେ ! ବାହାରେ ଆସିଲ ? (ବୃନ୍ଦା ପ୍ରତି) ଦେଖ-ଦେଖ ବୃନ୍ଦେ ! ଶ୍ରୀମତୀଙ୍କ ବିରହରେ ସଖା କିପରି ହୋଇଯାଇଛନ୍ତି ।

ଶ୍ରୀକୃଷ୍ଣ—(ଆକୁଳରେ ବୃନ୍ଦା ପ୍ରତି) ବୃନ୍ଦେ ! ସଖି ! ଦୟା କରିବ ନାହିଁ ? ଆଉ ଏକବାର ସାକ୍ଷାତ, ଆଉ ଥରେ ମାତ୍ର,—ବୃନ୍ଦେ ! ସଖି !—

Digitized by srujanika@gmail.com

ରାଗ—ସରସାଙ୍ଗୀ, ତାଳ—ଆଢ଼ ।

ଜୀବନେ ସେହି ସହି ସମ୍ବଳ ଜାଣ । ଘୋଷା ।
ପ୍ରେମମୟୀ କୃପାବଳେ ହେବ ଭବେ ଧନ୍ୟ । ଉପଘୋଷା ।

୧ ସଖି ସେ ସୁମୁଖୀ ଖଞ୍ଜ ଗଞ୍ଜନାକ୍ଷି
ସୁନ୍ଦର ଭୃକୁ ଲଳିତ ଛବିକ
[ଅରେ] ଦେଖି ହେବ ସୁଖୀ
କରିଅ ମିଳନ । ଜୀବନେ— ।

୨ ସେହିଟି ନିଦାନ ମୋ ଜୀବ ଜୀବନ
ପ୍ରେମଭିକାରିର ଗଣ୍ଠିର ଧନ
[ମନ] ପ୍ରାଣ କର ଦାନ
ନେବି ମୁଁ ଶରଣ । ଜୀବନେ— ।

ବୃନ୍ଦା—କଣ କରିବ ଶ୍ୟାମ ? ମୋର ସାଧ ଥିଲେ ତୁମେ ଏତେ ବିନୟରେ କହିବାର ଆବଶ୍ୟକ କି ? ମୋର ପ୍ରାଣ ପର୍ଯ୍ୟନ୍ତ ଦେଇ ସୁଦ୍ଧା ତୁମ କାର୍ଯ୍ୟ କରିବାକୁ ମୁଁ ଅନୁକ୍ଷଣ ପ୍ରସ୍ତୁତ;—କିନ୍ତୁ କଣ କରିବି ? ଉପାୟ ନାହିଁ ।

ଶ୍ରୀକୃଷ୍ଣ—(ନିରାଶାରେ) ମୋର ଜୀବନ ମରଣ ତୁମ ହାତରେ, ରଖିବା ନରଖିବା ତୁମର ଇଚ୍ଛା ।

ବୃନ୍ଦା—ଛି, ଶ୍ୟାମ ! ଏପରି କଥା କହନାହିଁ । ମୁଁ ତୁମର ଦାସୀ ମାତ୍ର; ଦାସୀ ନିକଟରେ ଏତେଦୂର ବିନୟ ହେବାକୁ

Digitized by srujanika@gmail.com

ଉଚିତ ? (କ୍ଷଣେ ଚିନ୍ତା କରି) ଆଚ୍ଛା, ଗୋଟିଏ କାର୍ଯ୍ୟ କରିପାରିବ ?

ଶ୍ରୀକୃଷ୍ଣ – (ଆତୁରରେ) କହ ବୃନ୍ଦେ, କଣ କରିବାକୁ ହେବ । ରାଧାଙ୍କ ସକାଶେ, ଶ୍ରୀମତୀଙ୍କ ସଙ୍ଗେ ଥରେ ମାତ୍ର ସାକ୍ଷାତ ସକାଶେ ତୁମେ ଯାହା କହିବ, ମୁଁ ତାହା କରିବାକୁ ପ୍ରସ୍ତୁତ ।

ବୃନ୍ଦା—ତୁମେ ଏପରି ବେଶରେ ଶ୍ରୀମତୀଙ୍କ ଭବନରେ ପ୍ରବେଶ କରିବ, ଯେପରି କୁଟିଳାର ଆଖିରେ ସହଜରେ ଧୂଳି ଦେଇପାରି ।

ଶ୍ରୀକୃଷ୍ଣ—କିପରି ବୃନ୍ଦେ ?

ବୃନ୍ଦା—(କ୍ଷଣେ ଚିନ୍ତା କରି ଅଳ୍ପ ହସି) ଯୋଗୀ ବେଶରେ ଯାଇପାରିବ ?

ଶ୍ରୀକୃଷ୍ଣ—ପାରିବ; କିନ୍ତୁ ବେଶ ପରିବର୍ତ୍ତନର ଉପାୟ କି ?

ବୃନ୍ଦା—ମୁଁ ତାର ଉପାୟ କରୁଛି, ଆସ । ମଧୁମଙ୍ଗଳ ! ତୁମକୁ ଗୋଟିଏ କାର୍ଯ୍ୟ କରିବାକୁ ହେବ ।

ମଧୁମଙ୍ଗଳ—କି କାର୍ଯ୍ୟ ? ସଖାଙ୍କ ସକାଶେ ଅଗ୍ନିରେ ଝାସ ଦେବାକୁ ସୁଦ୍ଧା ମୁଁ ଅନୁକ୍ଷଣ ପ୍ରସ୍ତୁତ ।

ବୃନ୍ଦା—ତେବେ ତୁମେ ମଧ୍ୟ ମୋ ସଙ୍ଗେ ଆସ, କଣ କରିବାକୁ ହେବ ପରେ ଜାଣିପାରିବ ।

Digitized by srujanika@gmail.com

ମଧୁମଙ୍ଗଳ— ଚାଲ ତେବେ । (ଶ୍ରୀକୃଷ୍ଣ ପ୍ରତି) ଅସ ସଖା ! ଆମର ବୃନ୍ଦା ଦୂତୀ ଅଜ କ ଖେଳା ଖେଳିବେ ‘ଇ ଦେଖାଯାଉ ।

ଶ୍ରୀକୃଷ୍ଣ —ଚାଲ ।

[ଉଭୟେ ବୃନ୍ଦାଙ୍କ ସଙ୍ଗେ ପ୍ରସ୍ଥାନ କଲେ]

—❀—

ତୃତୀୟ ଦୃଶ୍ୟ

[ରାତ୍ର ଚତୁର୍ଥ ପ୍ରହର, ଶ୍ରୀରାଧାଙ୍କ ଭବନସ୍ଥ ଗୋଟିଏ ସୁସଜ୍ଜିତ କକ୍ଷରେ ପଲ୍ୟଙ୍କୋପରି ଶ୍ରୀରାଧା ନିଦ୍ରିତ ଏବଂ ସ୍ୱପ୍ନରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଅସାମଞ୍ଜସ୍ୟ ପ୍ରଳାପ କରୁଅଛନ୍ତି ଓ ନିକଟରେ କୁଟିଳା ଥାଇ ସମସ୍ତ ଶୁଣୁ ଅଛନ୍ତି ।]

ଶ୍ରୀରାଧା—(ସ୍ୱପ୍ନାବେଶେ) ଦାସୀର ଆଉ କଣ ଅଛି ନାଥ ? ଯମୁନା ତଟେ ପ୍ରଥମ ଦର୍ଶନରେ ସେ ତାର ସର୍ବସ୍ୱ ଶ୍ରୀଚରଣରେ ଅର୍ପଣ କରି ଦେଇଥିଲା; ଯାହା ଅବଶିଷ୍ଟ ଥିଲା, କୁଞ୍ଜମିଳନରେ ସେହି ସମସ୍ତ ତୁମେ ହରଣ କରି ନେଲ । ଏବେ ତାର ଆଉ କଣ ଅଛି ଯେ, ତାହା ଦେଇ ଦାସୀ ତୁମର ଏହି ପଦଯୁଗଳ ପୂଜା କରିବ, ନାଥ ?

Digitized by srujanika@gmail.com

କୁଟିଳା—(ଅଶ୍ଚର୍ଯ୍ୟରେ ସ୍ୱଗତ) ଏ ମା ! ଏତେଦୂର ହୋଇ-ଯାଉଛି !

ରାଧା—(ସ୍ୱପ୍ନାବେଶେ) ମୋତେ ଭୁଲ ନାହିଁ,—ମୋତେ ପଦ ପ୍ରାନ୍ତରୁ ଦୂର କର ନାହିଁ,—ମୁଁ ଶରଣାଗତ । (ସ୍ୱପ୍ନାବେଶେ ଉଠି ଶ୍ରୀକୃଷ୍ଣ ଭ୍ରମେ କୁଟିଳାକୁ ପୋଟାଳ ଧରିଲେ) ନା-ନା, ଯାଅ ନାହିଁ । ପ୍ରାଣବନ୍ଧୁ ! ହୃଦୟ ବଲ୍ଲଭ ! ହୃଦୟର ଦୁଃସହ ଜ୍ୱାଳା ଶୀତଳ ହେବ ବୋଲି ଏହି ଚରଣ-ପଙ୍କଜରେ ଶରଣ ନେଇଛି ।—ମୋତେ ଛାଡ଼ ଯାଅନାହିଁ ।

କୁଟିଳା—(ଶ୍ରୀରାଧାଙ୍କୁ ଝୁଲାଇ ଚେତନା କରାଇଲେ) କଣ ବୋଇଲ ରାଧେ, କଣ ବୋଇଲ ?

ଶ୍ରୀରାଧା—(ପ୍ରକୃତିସ୍ଥ ହୋଇ) ଆଁ—ଆଁ, କଣ ବୋଇଲି ?

କୁଟିଳା—ଏହିକ୍ଷଣି ମୋତେ ପୋଟାଳ ଧରି କଣ ବୋଇଲରେ ?

ଶ୍ରୀରାଧା—(ଅଶ୍ଚର୍ଯ୍ୟ ଓ ଆଶଙ୍କାରେ) କାହିଁ ? ମୁଁ କଣ ବୋଇଲି କି ?

କୁଟିଳା—କାହିଁ ? କଣ ବୋଇଲ ? ଏ ଘରର କାରି ଆଖି ନାହିଁ କାନ ନାହିଁ ବୋଲି ଭାବୁଛ ପରା ? ଏ ଘର ମଧ୍ୟରେ ପ୍ରାଣବନ୍ଧୁ, ହୃଦୟବଲ୍ଲଭ କାହାକୁ ପାଇଲ ଲୋ ? ଏ ମା ! ଏଥି ଭିତରେ ଏତେ କାଣ୍ଡ ଅଛି ବୋଲି କେ ଜାଣିଥିଲା ? କୁଳବଧୂ ହୋଇ ପରପୁରୁଷ ସଙ୍ଗେ ଏତେ କାଣ୍ଡ !

Digitized by srujanika@gmail.com

ଶ୍ରୀରାଧା—(ଭୟରେ) ଏ ମା ! ଏସବୁ କି କଥା ? ଏ କି କଥା କହୁଛ ? ପରପୁରୁଷ ବା କି ?

କୁଟିଳା—(କ୍ରୋଧରେ) ହଁ !—ହେଉ ତେବେ; ନନା ଆସନ୍ତୁ ପରପୁରୁଷ କି ବୁଝାଇ ଦେବେ ।

[ଧୀରେ ଧୀରେ ଲଳିତା ସେଠାରେ ପ୍ରବେଶ କଲେ]

ଶ୍ରୀରାଧା—(ଲଳିତାଙ୍କୁ ଦେଖି ଅଳ୍ପ ସାହସ ପାଇ) କଣ ବା ତୁମେ ଶୁଣିଲ ଯେ ଏତେ କଥା ବୋଲି ଦେଉଛ ?

ଲଳିତା—କିଷସ୍ତୁ କି ସଖି ? କଣ ହେଲା ?

କୁଟିଳା—କଣ ଶୁଣିଲି କି ଶୁଣିବ ? ଶୁଣ ତେବେ; ଲଳିତେ ! ତୁମେ ମଧ ଶୁଣ, ତୁମ ପ୍ରିୟସଖୀଙ୍କ ଗୁଣର କଥା । ଶୁଣ ଗୋ ଶ୍ୟାମ ସୋହାଗିନି, ରାଧା ବିନୋଦିନି ! କେବେ ତୁମେ ଏକାକିନୀ ଯମୁନାକୁ ଯାଇଥିଲ; କଦମ୍ବ ତଳେ ତ୍ରିଭଙ୍ଗ ନଟବର ଶ୍ୟାମକୁ ଦେଖି,—ଧେନୁ ପୋଡା ମୁହାଁକୁ ମନ, ଜୀବନ ସବୁ ଅର୍ପଣ କଲ; ପରେ କୁଞ୍ଜରେ ତୁମ ଦୁହିଁଙ୍କର ମିଳନ ହେଲା,—ଏପରି କେତେ କଥା କହିଗଲି, ସେସବୁ କଣ ମୋର ମନେ ଅଛି କି ?

ଶ୍ରୀରାଧା—(ଶ୍ରୀରାଧାଙ୍କ ମୁଖ ମଳିନ ଗଲା, କିନ୍ତୁ ଲଳିତାଙ୍କ ସଙ୍କେତର ଅଳ୍ପ ସାହସ ପାଇ କହିଲେ) ଏ ମା ! ଏ କି କଥା ! କେଉଁଠାରୁ ଏ ସବୁ ମିଥ୍ୟା କଥା ଗୁଡ଼ିଏ

Digitized by srujanika@gmail.com

ଗଢ଼ି ଦେଉଛ ? ଏହି ବ୍ରଜରେ କେ ବା ଯମୁନାକୁ ଯାଉ
ନାହିଁ ? କେ ବା ନନ୍ଦ ଦୁଲାଳ ଶ୍ୟାମସୁନ୍ଦରଙ୍କୁ ଦେଖୁ-
ନାହିଁ ? ମୁଁ ଏକା ଏଥିପାଇଁ ଦୋଷୀ ହେଲି ?—

"କା ବା ନଯାତି ଯମୁନା ପୁଳନଂ ଜଳାୟ,
କା ବା ନଯାତି ମଥୁରାଂ ଦଧି ବିକ୍ରୟାୟ,
କା ବା ନପଶ୍ୟତି ମୁକୁନ୍ଦ ପଦାରବିନ୍ଦେ
ବୃଥା ଲବ୍ଧଃ ପଙ୍କେ କୁଳଟାପବାଦଃ ।"
ରାଗ—ମୁଖାରି, ତାଳ—ଅଢ଼ ।
କେ ଯାଉନାହିଁ ଯମୁନା
ମୋ ପାଇଁ ଏ ଅସହ୍ୟ ଗଞ୍ଜନା । ଘୋଷା ।
ମୁଁ କି ଜାଣେ ସେହି ଶ୍ୟାମ ପ୍ରେମ କି ନା
ବିନା ଦୋଷେ ମୋତେ ଏତେ ହଟା ମା । ଉ ଘୋଷା ।
୧—କେବା ଦେଖି ନାହିଁ ଏହି ବ୍ରଜେ
ଯଶୋଦା ଦୁଲାଳ ଶ୍ୟାମ ନଃସରିଜ ।
କଳଂକିନୀ ଏକା ରାଧିକା ସମାଜେ ।
ବୃଥା ଅପବାଦେ ଦେଉଛ ଯାତନା । କେ ଯାଉ— ।
ତୁମ କଥା ଶୁଣି ଶୁଣିତ ମୋତେ ଅବାକ ଲାଗୁଛି !

କୁଟିଳା—ଅବାକ ହେବାରତ କଥା । ସଖେ ! ମୁଁ ଏତକରେ
ଛାଡ଼ି ଦେବି ବୋଲି ମନେ କର ନାହିଁ । ଏତେ ଦିନ
ତୁମର ଦେବତା ପୂଜା-ବେଗ ସ୍ଥିର କରିପାରି ନଥିଲି;
ଏଥର ତ ତୁମର କାଣ୍ଡ କାରଖାନା ସବୁ ଜଣାଗଲାଣି;

Digitized by srujanika@gmail.com

ଆଉ କୁଟିଳାର ଆଖିରେ ଧୂଳି ଦେଇ ପାରିବନାହିଁ । ତୁମ ବୁହିଙ୍କୁ ଏକ ସ୍ଥାନରେ ଧରିବ, ନନାଙ୍କୁ ଆଣି ତାହା ଦେଖାଇବ । ତେବେ ସିନା ଜାଣିବ, ମୁଁ ଜଟିଳା ମାଉ ଝିଅ କୁଟିଳା ? —ଅଁ ହଁା, ଏକାବେଳକେ ଏତେ ଦୂର ? ଛି, ଛି । (କ୍ରୋଧରେ ସେଠାରୁ ପ୍ରସ୍ଥାନ କରି, କଥାବାର୍ତ୍ତା ଶୁଣିବା ସକାଶେ ଅନ୍ତରାଳରେ ଲୁଚି ରହିଲେ)

ଶ୍ରୀରାଧା—ଶୁଣିଲ ସଖି ?

ଲଳିତା—(କୁଟିଳା ଅନ୍ତରାଳରେ ରହି ସେମାନଙ୍କ କଥାବାର୍ତ୍ତା ଶୁଣୁଥିବା ବିଷୟ ଜାଣିପାରି ଶ୍ରୀରାଧାଙ୍କୁ ଅଧିକ ବିଷୟ କହିବାକୁ ନିଷେଧ କରିଦେଇ କହିଲେ) ହେଉ, ଏଥିକି ଏତେ ଭାବନା କାହିଁକି ?

ଶ୍ରୀରାଧା—ବୃଥାରେ ଏ କି ଅପବାଦ ସଖି ? ଶ୍ୟାମ ସୋହାଗିନୀ ବୋଲି ନଣନ୍ଦ କେତେ କଥା କହିଗଲେ ଶୁଣିଲ ତ ?

ଲଳିତା—ସେ କି କଥା ! ତୁମେ ବଡ଼ ଘରର କୁଳବଧୂ, କେବେ ଘରୁ ବାହାର ହୋଇନାହଁ ବୋଲି କହିଲେ ଚଳେ; ଆଉ ସେହି ଶ୍ୟାମସୁନ୍ଦରଙ୍କ ସଙ୍ଗେ ତୁମର ସମ୍ବନ୍ଧ କି ?

ଶ୍ରୀରାଧା—ଏହି ମିଥ୍ୟା କଳଙ୍କାରୋପ ମୁଁ କିପରି ସହ୍ୟ କରିବି, ସଖି ? ଏହିକ୍ଷଣି ତ ଯାଇ ବ୍ରଜଯାକରେ ହାଟ ବସାଇ ଦେବେ ।

Digitized by srujanika@gmail.com

ଲଳିତା—ତାଙ୍କର ଯା ଇଚ୍ଛା ତା କରନ୍ତୁ; ତୁମେ ସେଥିରେ ଥିଲେ ହିନା ତୁମକୁ ଭୟ। ସେଥିପାଇଁ ତୁମେ କଛ ଭାବନା କରନାହିଁ। ତୁମେ ନଷ୍ଟାପା, ତେଣୁ ଏହି ବ୍ରଜ ଯାକ ଏକଜ ହେଲେ ସୁଦ୍ଧା ତୁମର କଚ୍ଛ ଅନିଷ୍ଟ କର ପାରବେ ନାହିଁ।

[କୁଟିଳା ଅନ୍ତରାଳରୁ ପ୍ରସ୍ଥାନ କରବା ଦେଖି ଶ୍ରୀରାଧାଙ୍କୁ ସଙ୍କେତ କର କୁଟିଳାର ଭାବଗତ ଦେଖିବା ସକାଶେ ବାହାରକୁ ଯାଇ କ୍ଷଣ ପରେ ଫେର ଆସିଲେ]

(ସହାସେ) ପୋଡ଼ା ମୁହିଁ ଲଳିତା ଆଗରେ ଗୁରୁଷି ଖେଳ-ବାକୁ ବସିଛ; ସମସ୍ତେ ତା ଘର ମୂର୍ଖ ବୋଲ ଭାବଛ ପର?

ଶ୍ରୀରାଧା—ସେ ଏବେ କେଉଁ ଆଡ଼କୁ ଗଲେ ସଖି!

ଲଳିତା—କଛି କ୍ଷଣ ଆମ କଥାବାର୍ତ୍ତା କାନ ଡେର ଶୁଣିଲା, ସେ ଯାହା ଆଶା କରଥିଲା, ତାହାତ ପାଇଲା ନାହିଁ; ତର ତର ହୋଇ ତୁମ ସ୍ୱାମୀଙ୍କ ଭବନ ଅଡ଼େ ଗଲା। ବୋଧହୁଏ ଯମୁନାକୁ ଚାଲିଯିବ।

ଶ୍ରୀରାଧା—(ଅକୁଳରେ) ମା'ଙ୍କୁ ସଙ୍ଗେ ଧର ପୁନର୍ବାର ଆସିବ ନାହିଁତ?

ଲଳିତା—ନା, ଏତେ ଶୀଘ୍ର ଏକଥା ସେ କାହା ନକଟରେ ବ୍ୟକ୍ତ କରବ ନାହିଁ; କାରଣ ସେହିନ ଭୂତ ଛଡ଼ାଇ-ବାକୁ ଅସି ସେ ତାର ଫଳ ପାଇଛି; ଅଉ ମୁଁ ମଧ୍ୟ

Digitized by srujanika@gmail.com

ଜଟିଣ ଦାସୀକୁ ବାହାରେ ଜଗାଇ ଦେଇ ଅଛି ।
(ଶ୍ରୀରାଧାଙ୍କ ଚିବୁକ ଧରି ସହାସେ ପଚାରିଲେ) ଅଯି,
ବର୍ତ୍ତମାନ କହ, କପରି ଏହି ସର୍ବନାଶ ଘଟାଇଲ ।

ଶ୍ରୀରାଧା— ନା ସଖି, ମୁଁ ଜ୍ଞାନରେ କୌଣସି କଥା କହିନାହିଁ;
ନିଦ୍ରାରେ ଥାଇ ଗୋଟିଏ ଅପୂର୍ବ ସ୍ୱପ୍ନ ଦେଖିଲି;
ବୋଧହୁଏ ସେହି ସ୍ୱପ୍ନାବସ୍ଥାରେ କଣ କହି ଦେଇଥିବି,
ଅଭାଗିନୀ ନିକଟରେ ଥାଇ ସେ ସବୁ ଶୁଣି ଦେଇଥିବେ,
(ଲଳିତାଙ୍କ ଗଳା ଧରି କାତରେ) ହାୟ ଲଳିତେ !
ବର୍ତ୍ତମାନ ମୋର ଗତି କି ? ତୁମେ ଏଥିରୁ ରକ୍ଷା ନକଲେ
ମୁଁ ଆତ୍ମଘାତିନୀ ହେବି ।

ଲଳିତା—ଛି ସଖି ! କାହିଁକି ଏପରି ଅଧୀର ହେଉଛ ? ତୁମ
ଲଳିତା ଜୀବନରେ ଥିବା ଯାଏ ଏହି ବ୍ରଜରେ କାହିଁକି,
ସମଗ୍ର ଜଗତରେ କା'ର ସାଧ୍ୟ ଅଛିଯେ ତୁମର କୌଣସି
ଅନିଷ୍ଟ କରିବ ? ତୁମେ କିଛି ଭୟ କର ନାହିଁ; ଯାହା
ହୋଇ ଗଲାଣି ସେଥିପାଇଁ ଭାବନା କଲେ ଫଳ କି ?
(ସହାସେ) ଅଯି ବର୍ତ୍ତମାନ କହିତ, କି ସ୍ୱପ୍ନ ଦେଖିଲ ?

ଶ୍ରୀରାଧା—(ସ୍ୱପ୍ନର କଥା ମନେ ପକାଇ ପୁଲକିତ ଓ ଲଜ୍ଜାବନତ
ମୁଖେ କହିଲେ) ସେ ସ୍ୱପ୍ନର କଥା କଣ କହିବି ସଖି ?
ମନେ ହେଲେ ଏବେ ସୁଦ୍ଧା ଶରୀର ଲୋମାଞ୍ଚିତ ହୁଏ ।
(କ୍ଷଣେ ଭାବାବେଶେ ନୀରବ ରହି)—

Digitized by srujanika@gmail.com

ରାଗ–ଖରହରପ୍ରିୟା । ତାଳ ରୂପକ ।

ଦେଖିଲି ସ୍ୱପନେ ଯେ ଦୃଶ୍ୟ ସଙ୍ଗିନ
ମାନସ ମୋହନ । ଦୋଷା ।
ମନେ ହେଲେ ତନୁ ଚମକି ଉଠଇ
ପୁଲକରେ ଘନ ଘନ । ଉ. ଘୋଷା ।

୧—ସେ ନବ ଘନ ଶ୍ୟାମ ମୂରତି
ବ୍ରଜ ଜନ ନେତ୍ର ହରଣି
ରକ୍ତପଦ୍ମ ସମ ଅଧାର ଚଳତେ
ଉଭା ହେଉଲି ଅସି ମୋହର ପୁରତେ,
ଅବଳା ଶରୀର ହଜିଲା ମୋ ଜ୍ଞାନ
ଭୟେ ହେଲି ଅଚେତନ । ଦେଖିଲି— ।୫।

ଲଳିତା—(ସହାସେ) ବାଃ ! ଚମତ୍କାର ସ୍ୱପ୍ନ ତ ! ଅସ୍ତ ପଟର
କଣ ହେଲା ?

ଶ୍ରୀରାଧା —

* ୨ — କି ଅଦ୍ଭୁତ ମୋହନ ଛବି
ମୋହ ଅନ୍ତେ ଦେଖିଲି ନେତ୍ର,
ମୋ ଦେହ-ଲତିକା ଅବଶ ଭାବରେ
ଯତନେ ରହିଛି ଶ୍ୟାମ ଅଙ୍କ ପରେ,
ଅସହ୍ୟ ଲଜ୍ଜାର ତଡ଼ିତ ପ୍ରବାହେ
ପୂରିଗଲା ଅପଘନ । ଦେଖିଲି — ।

Digitized by srujanika@gmail.com

[ଶ୍ରୀରାଧା ଲଜ୍ଜାରେ ଆଉ ଅଧିକ କହି ନପାରି ମୁଖ ପୋତି ମାରବ ରହିଲେ]

ଲଳିତା —(ସହାସ୍ୟେ) ଏ କି ସଖି ! ଚୁପ ରହିଲ ? ପରେ କଣ ହେଲା କହୁନାହିଁ ?

ଶ୍ରୀରାଧା—(ଲଜ୍ଜାରେ ଲଳିତାଙ୍କ ବକ୍ଷରେ ମୁଖ ଲୁଚାଇ) ନା ସଖି ! ସେ କଥା ମୁଁ ଆଉ କହିପାରିବି ନାହିଁ ।

ଲଳିତା —(ସହାସେ ଅଦରେ ଶ୍ରୀରାଧାଙ୍କ ଚିବୁକ ଧରି) ତେବେ ପରେ କଣ ହୋଇଥିବ ମୁଁ କହିବି ନା ?

[ହଠାତ୍ ଦୂରରୁ ବଂଶୀ ନିନାଦ ଶ୍ରୁତ ହେଲା, ଶ୍ରୀରାଧାଙ୍କ ସର୍ବାଙ୍ଗ ସାତ୍ତ୍ୱିକ ବିକାରରେ କଂପିତ ହେବାକୁ ଲାଗିଲା]

ଶ୍ରୀରାଧା— (ଅଧୀର ହୋଇ) ଏ କି ସଖି ! କାନନ ମଧ୍ୟରେ କେ ଏପରି ସମ୍ମୋହନ ସ୍ୱରେ ଗାନ କରୁଛି ? (ଶରୀର ପୁଲକ ଉଠିଲା) ଏ କି ! ଏହି ଗାନ ଶ୍ରବଣେ ମୋର ଏପରି କାହିଁକି ହେଉଛି ?

ରାଗ—ଧୀର ଶଙ୍କରାଭରଣ । ତାଳ - -ରୂପକ ।

କାନନେ ଏ କି ଗାନ ଶୁଭଇ
କାମିନୀ ମନ ମୋହନ ।
କାନରେ ତାନ ପ୍ରସରି ସେହୁ
ଜ୍ଞାନ କରଇ ହରଣ । ଘୋଷା ।
ସୁମଧୁର ସ୍ୱନ ତାର
ଥରହର ତନୁ ମୋର । ଇ. ଘୋଷା ।

Digitized by srujanika@gmail.com

୧— ନାଦର ଏକି ନାଦକ ସଖି
ମୋଦରେ ଫୁଲେ ଅନ୍ତର
ମରମେ ମାର ହୃଦ ବଏ ଧାର
ଚକତେ ଉଠାଏ ଝଙ୍କାର
ଜାଣେ କ ପ୍ରେମ ମନ୍ତ୍ରର
ମୋହର ଅବା ଯନ୍ତ୍ରର
ମାନସ କରେ ସତତ ତାର ଧ୍ୟାନ
ପ୍ରୀତ ଅଣେ ହୁଏ ଅଧୀନ । ଜାନନେ — ।

ଲଲିତା—(ସହାସେ) ସଖି ! ଏହା କାର ଗାନ ନୁହେଁ, କମ୍ବା ମନ୍ତ୍ର ବା ଯନ୍ତ୍ର ମଧ୍ୟ ନୁହେଁ । ସେଦନ ଯେଉଁ ଧ୍ୱନ ଶୁଣି ତୁମେ ମନ, ଜ୍ଞାନ, ସର୍ବସ୍ୱ ହରାଇ ଦେଇଥିଲ, ଏହା ଶ୍ୟାମସୁନ୍ଦରଙ୍କର ସେହି ବଂଶୀ ଧ୍ୱନ । ଚାଲ, ଏଠାରେ ରହିଲେ ଆଉ ରକ୍ଷା ନାହିଁ; କଛକ୍ଷଣ ଉଦ୍ୟାନରେ ଭ୍ରମଣ କରି ଆସିବା । କୁଟିଳା ପୋଡ଼ାମୁହିଁ ଯମୁନାରୁ ବାହୁଡ଼ି ପୁନର୍ବାର ଏଠାକୁ ଆସିପାରେ । ବଂଶୀନାଦ ଶ୍ରବଣେ ତୁମର ଯେଉଁ ଭାବ ବକାର ଆରମ୍ଭ ହେଲାଣି ଏହା ଦେଖିଲେ ପାପିଷ୍ଠା ଆଉ କ ନୂତନ କାଣ୍ଡ ଘଟାଇବ କି ?—ଚାଲ ।

(ଉଭୟେ ପ୍ରସ୍ଥାନ କଲେ)

ଯବନିକା ପତନ

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

[ଅନ୍ଧକାର ରଜନୀ ପ୍ରଥମ ପ୍ରହର, ଅଭିମନ୍ୟୁଙ୍କ ଗୃହ ସମ୍ମୁଖସ୍ଥ ପ୍ରାଙ୍ଗଣ; ଶ୍ରୀକୃଷ୍ଣ ସେହି ଆଡ଼େ ଆସିବା ସମ୍ବାଦ ପାଇ କୁଟିଳା ତାଙ୍କୁ ଧରିବା ସକାଶେ ଜଗି ବସିଛନ୍ତି ।]

କୁଟିଳା— (ସ୍ୱଗତ) ଏ ମା ! କି ଲଜ୍ଜା ! କି ଅପମାନ ! ଯୋଗୀ ବେଶଟିରେ ପୋଡ଼ାମୁହାଁ ମୋ ଆଖିରେ ଧୂଳି ଦେଇ ଚାଲିଗଲା; କିଛି ଜାଣି ପାରିଲି ନାହିଁ । ମୋଟିତ ପାଦ ଧରାଇଲା !—ମାଙ୍କୁ ପାଦ ଧରାଇଲା !! ଓହୋ, କି ଲଜ୍ଜା ! ମଧୁମଙ୍ଗଳ ଆସି ଦୂରରୁ ବଂଶୀ ବଜାଇବାରୁ ମୁଁ କୃଷ୍ଣ ଭାବି ସେହି ଆଡ଼େ ଧାଇଁଲି; ଏଣେ ହତଭାଗା ହସି ହସି ମୋ ପାଖ ଦେଇ ଚାଲିଗଲା । ଏ ମା, କି ଲଜ୍ଜା ! ପୋଡ଼ାମୁହାଁ ଏତେଦିନ ହେଲା ରଙ୍ଗ କରି ଚାଲିଯାଉଛି, ଦିନେ ହେଲେ ଧରିପାରିଲି ନାହିଁ । (କ୍ଷଣେ ଚିନ୍ତା କରି) ହେଉ, ଆଜ ଅଉ କେଉଁ ଆଡ଼େ ଯିବ ? ଏହିକ୍ଷଣି ଏହି ବାଟ ଦେଇ ଆସିବ, ଭାଇ ଭଉଣୀ ମିଶି ହତଭାଗାକୁ ଧରି ହାତ ଗୋଡ଼ ଭାଙ୍ଗି ଛାଡ଼ ଦେବୁ ।

(ଦୂରେ ନାରଦଙ୍କ ହରି ଗୁଣ ଗାନ—)

ରାଗ—ଝିଞ୍ଜୋଟି । ତାଳ—ରୂପକ ।

(ସଦା) ତୋଷ ରସନା ତୋଷ ମାନସେ

ଅମୀୟ ଶ୍ରୀହରି ନାମ ।*

Digitized by srujanika@gmail.com

କୁଟିଳା—(ଭକ୍ତ ଗାନ ଶ୍ରବଣେ ନାରଦଙ୍କୁ ଶ୍ରୀକୃଷ୍ଣ ଭ୍ରମ କରି)
ନନା !-ନନା !—

[ତର ତର ହୋଇ ଅଭିମନ୍ୟୁ ସେଠାରେ ପ୍ରବେଶ ହେଲେ]

ଅଭିମନ୍ୟୁ—(ପ୍ରବେଶ ପଥରୁ) କି କି ?

କୁଟିଳା—(ନାରଦ ଅସୁଥିବା ପଥ ଅଡ଼େ ଦେଖାଇ) ହେଟି ଦେଖ, କଳାମାଣିକ ଧୀରେ ଧୀରେ ଏଣେ ଅସୁଛି ।

ଅଭିମନ୍ୟୁ—(ଦେଖି) ହାଁ, ଠିକ୍—ଠିକ୍, ଚାଲ-ଚାଲ, ଅନ୍ତରାଳରେ ଲୁଚି ରହିବା ।

[ଦୁହେଁ ଅନ୍ତରାଳରେ ଲୁଚି ରହିଲେ]

[ଗୀତ ଗାଇ ଗାଇ ନାରଦ ପ୍ରବେଶ କଲେ]

* (ସଦା) ଘୋଷ ରସନା ତୋଷ ମାନସେ
ଅମୀୟ ଶ୍ରୀହରି ନାମ
(ପ୍ରାଣ) ଶାନ୍ତି-ପିୟୁଷ- ସିନ୍ଧୁ ସରସେ
କରି ହେଉ ନିମଗନ । ଘୋଷ ।
୧—ଭକ୍ତି ପୁଲକ ପ୍ରାଣେ
ପ୍ରେମାନନ୍ଦେ ମଜ୍ଜି ବିଘୋଷ
ହରିନାମ ସଦା ଆନନ୍ଦ ମନେ,
(ସେହି) ସୃଷ୍ଟି କରତା ଜୀବନ ଦାତା-
ପଦାଶ୍ରୟ କରି ଧ୍ୟାନ । ଘୋଷ— ।

ଅହା ! ଇନ୍ଦ୍ରିୟଗ୍ରାହ୍ୟ ଜଗତେ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟ ମାଧୁର୍ଯ୍ୟର ଏକ ଅନିର୍ବଚନୀୟ ଆଲୋକ ଏହି ବୃନ୍ଦା-

Digitized by srujanika@gmail.com

ବନକୁ ବିସ୍ମୟ ଜନକ ସ୍ୱରରେ ଉଦ୍ଭାସିତ କରି ରଖି-
ଅଛି । ସବଂଶ ଯେପରି ସ୍ନିଗ୍ଧ, ପବନ, ମଧୁରୋଜ୍ଜ୍ୱଳ
ପ୍ରୀତି ପୂର୍ଣ୍ଣ ଅନୁରାଗ-ଲହରୀର ଉନ୍ମାଦ ଖେଳ ! ଧନ୍ୟ
ବୃନ୍ଦାବନ ! ଧନ୍ୟ ବ୍ରଜବାସୀଗଣ ! ଜୟ ରାଧେ ! ଜୟ
ପ୍ରେମ-କଳ୍ପତରୁ ରାଧେ !—

ଅଭିମନ୍ୟୁ—(ହଠାତ୍ ଅନ୍ତରାଳରୁ ବାହାର ହୋଇପଡ଼ି) ଏହି ପାଞ୍ଚନ ବାଡ଼ି କାନ୍ଧେ !

କୁଟିଳା—(ହଠାତ୍ ପ୍ରବେଶି) ଆଜି ଏହି ପ୍ରେମ-ଦଉଡ଼ିରେ ହାତଗୋଡ଼ ବାନ୍ଧେ । (ନାରଦଙ୍କ ହାତ ବାନ୍ଧିବାକୁ ଲାଗିଲେ)

ନାରଦ—(ଏହି ଆକସ୍ମିକ ଘଟଣାରେ ବିସ୍ମୟାନ୍ୱିତ ହୋଇ) ଏ କି ! ଏ କି ! କେ ତୁମ୍ଭମାନେ !

ଅଭିମନ୍ୟୁ—ଅନ୍ଧୁରି କେ ? ତୋର ଯମ ।

କୁଟିଳା—ହତଭାଗା ! ଅନ୍ଧକାରରେ ଲୁଚି ଲୁଚି ରାଧା ରାଧା ବୋଲି ବ୍ରଜଲୋକର ମନହି ନେବାକୁ ଆସିଛୁ ? ଧର ନନା ! ଏହାର ମା ପାଖକୁ ନେଇ ପୁଅର କାର୍ତ୍ତି ଦେଖାଇ ଦେବା । ମା ପୋଡ଼ାମୁହିଁ କହୁଛ, ସନ୍ଧ୍ୟା ହେବା ଘଣି ମୋ ଶୁକପକ୍ଷୀଟିର ଅକ୍ଷି ଦୁଇଟି ବୁଜ ହୋଇ ଆସେ ।

ଅଭିମନ୍ୟୁ—ପୁଅ ଯେ ରାତିର ପେଟ ପଶୀଟି, ମା ତାହା ଜାଣେ ନାହିଁ ।

Digitized by srujanika@gmail.com

କୁଟିଳା—କରେ ହତଭାଗା ! କାଲି ପରା ଯୋଗୀ ବେଶରେ ଆସି ମୋ ଆଖିରେ ଧୂଳି ଦେଇ ଚାଲିଯାଇଥିଲୁ ? ରହ, ଆଜ ତୋର ନାକ କାଟି ମରତ ବୋଲି ଛାଡ଼ ଦେବ । (ନାରଦଙ୍କ ମୁଖକୁ ଚାହିଁ ଚମକ ପଡ଼ି) ଅଁ ! ଏ କ ! କେ ଏ !

ନାରଦ— ନାରଦ ।

କୁଟିଳା—(ଆଶ୍ଚର୍ଯ୍ୟରେ) ଆଁ !—

ଅଭିମନ୍ୟୁ—(„) ନା-ର-ଦ ।

ନାରଦ—କେ ତୁମ୍ଭେ ? ଅଭିମନ୍ୟୁ ? ସେ କେ ? ତୁମ ଭଗ୍ନୀ କୁଟିଳା ?

ଅଭିମନ୍ୟୁ—(ଲଜ୍ଜା ଓ ଅନୁତାପରେ) ଦେବ ! ନଜାଣି ଶ୍ରୀଚରଣରେ ଅପରାଧ କରି ଦେଇଛୁଁ, କ୍ଷମା କରନ୍ତୁ ।

[ଅଭିମନ୍ୟୁ ଓ କୁଟିଳା ନାରଦଙ୍କ ପାଦତଳେ ପ୍ରଣିପାତ ହେଲେ]

କିନ୍ତୁ ଦେବ ! ଏତେ ରାତ୍ରରେ ଆପଣ ଏ ଆଡ଼େ କାହିଁକି ?

ନାରଦ— ବତ୍ସ ! କୌଣସି ଗୁରୁତର କାର୍ଯ୍ୟ ବଶତଃ ଆମ୍ଭ ପ୍ରିୟ ଶିଷ୍ୟ ପୌର୍ଣ୍ଣମାସୀଙ୍କ ସହିତ ସାକ୍ଷାତ କରିବାକୁ ଆସି- ଥିଲୁଁ; ଫାରୁଡ଼ବା ବେଳେ ମାର୍ଗରେ ମନେ ହେଲା ଥରେ କାଳୀଭକ୍ତ ଚୂଡ଼ାମଣି ଅଭିମନ୍ୟୁଙ୍କ ଭବନ ଦେଖି ଯିବୁଁ; ସେହି ଅଭିଳାଷରେ ଆସୁ ଆସୁ ତୁମମାନଙ୍କର ଏହି କାଣ୍ଡ ।

Digitized by srujanika@gmail.com

ଅଭିମନ୍ୟୁ—(କ୍ରୋଧଚର କୁଟିଳା ପ୍ରତି) ହତଭାଗିନ ! କୁଳ-କଳଙ୍କିନ ! କୃଷ୍ଣ କୃଷ୍ଣ ବୋଲି ସଂସାରେ ଏପରି ଅନ୍ଧ୍ରୁଣୀ ହୋଇଗଲୁଣି ଯେ, ମହର୍ଷି ନାରଦଙ୍କୁ ମଧ୍ୟ ଚହ୍ନି ପାରିଲୁ ନାହିଁ ! ଧିକ ତୋର ଜନ୍ମ ।

କୁଟିଳା—(କ୍ରୋଧଚର) ଚହ୍ନିପାରିଲି ନାହିଁ; ମୋର ଇଚ୍ଛା ହେଲେ ଚହ୍ନିବି, ଇଚ୍ଛା ନହେଲେ ଚହ୍ନିବି ନାହିଁ, ଏଥିରେ ତୁମର କି ?

ଅଭିମନ୍ୟୁ—(ଅଧିକତର କ୍ରୋଧରେ) ମୋର କି ? ଯମୁନାରେ ଯାଇ ବୁଡ଼ି ମଲୁ ନାହିଁ ? ଘର କଳଙ୍କ ହାଟବାଟରେ ପକାଇ ମରୁଛୁ; ଶେଷରେ ଦେବତାମାନେ ମଧ୍ୟ ଜାଣି ଗଲେ । ଦୂରହୁଅ,-ମୋ ଘରୁ ଦୂର ହୁଅ । ଦଉଡ଼ି ଖଣ୍ଡିଏ ନ ଧରିଅଛୁ, ପଥରଟିଏ ଆଣିପାରିଲୁ ନାହିଁ, ଗଳାରେ ବାନ୍ଧି ଯମୁନାରେ ବୁଡ଼ିମରନ୍ତୁ ?

କୁଟିଳା—(କ୍ରୋଧରେ ଉନ୍ମତ୍ତ ହୋଇ) ଯାଉଛି,- ଯାଉଛି, ଏହିକ୍ଷଣି ଯାଇ ବୁଡ଼ି ମରିବ । (ବେଗେ ପ୍ରସ୍ଥାନ)

ଅଭିମନ୍ୟୁ—(ଚିତ୍କାରରେ) ଯା-ଯା,-ଏହିକ୍ଷଣି ଯା; ତୁ ଗଲେ ମୋ ଘରର କଳଙ୍କ ଯିବ ।

ନାରଦ—ଅଭିମନ୍ୟୁ ! ବ୍ୟାପାର କି ?

ଅଭିମନ୍ୟୁ—(କ୍ଷଣେ କୁଟିଳାର ଗମନପଥ ଅପେକ୍ଷେ ଚାହିଁ) ଦେବ ! ବଦାନ୍ୟ ହଅନ୍ତୁ, ହତଭାଗିନୀ କ୍ରୋଧହୁଏ ସତକୁ ସତ ଯମୁନା ଅପେକ୍ଷେ ଧାଇଁଲା ।

Digitized by srujanika@gmail.com

[ନାରଦଙ୍କୁ ପ୍ରଣାମ କରି ଅଭିମନ୍ୟୁ ବେଗେ ପ୍ରସ୍ଥାନ କଲେ]

ନାରଦ—(ସ୍ୱଗତ) ଏମାନେହିଁ ସୁଖୀ । ସମସ୍ତଙ୍କ ଅପେକ୍ଷା କୁଟିଳାରହିଁ ପରମ ସୌଭାଗ୍ୟ । ଶ୍ରୀକୃଷ୍ଣଙ୍କ ପ୍ରତି ଈର୍ଷ୍ୟା ବଶତଃ ସେ ଦିବାରାତ୍ରି ସର୍ବକ୍ଷଣ ସମସ୍ତ ବସ୍ତୁ କୃଷ୍ଣମୟ ଦେଖୁଛି । କାହିଁ ? ଆମ୍ଭମାନେ ଏତେକାଳ ତପଜପ କରି ସୁଦ୍ଧା ତ ତା ପାଇଲୁ ନାହିଁ ? ହାୟ ହରି ! ନିଜକୁ ଧରା ଦେବା ସକାଶେ ତୁମେ ଯେ କେତେ ପ୍ରକାର ସାଧନାର ଉପାୟ ରଚନା କରିଛ, ତାହା କେବଳ ତୁମେହିଁ ଜାଣ । ବ୍ରଜେଶ୍ୱରୀଙ୍କ କୃଷ୍ଣ-କଳଙ୍କ ଦେଖିବା ସକାଶେ ଆମ୍ଭେମାନେ ଏତେ ଘୂରି ମରୁଛୁଁ, କିନ୍ତୁ କୁଟିଳା ଈର୍ଷ୍ୟାପରବଶ ହୋଇ ଅତି ସହଜରେ ସେହି କଳଙ୍କର ଦିବ୍ୟ ଜ୍ୟୋତି ଦେଖି ନିଜକୁ ଧନ୍ୟ କରୁଛି ।

[ସହାସେ ବୃନ୍ଦା ଧୀରେ ଧୀରେ ସେଠାରେ ପ୍ରବେଶ ହେଲେ]

ବୃନ୍ଦା—(ନାରଦଙ୍କୁ ପ୍ରଣାମ କରି) ଆପଣଙ୍କର କୁଟିଳା ପରି ଈର୍ଷ୍ୟା କରିବାକୁ ଇଚ୍ଛା ହେଉଛି କି, ଦେବ ?

ନାରଦ—ଏ କି ବୃନ୍ଦେ ! ତୁମେ ମଧ୍ୟ ଏଠାରେ ?

ବୃନ୍ଦା—ନଥାଇ ଆଉ କେଉଁଠାକୁ ଯିବି ପ୍ରଭୋ ? ଯେଉଁ ଗୁରୁତର କାର୍ଯ୍ୟରେ ଦାସୀକୁ ନିଯୁକ୍ତ କରିଛନ୍ତି, ସେଥିରେ କି କ୍ଷଣେ ସୁଦ୍ଧା ସ୍ଥିର ହୋଇ ରହିବାର,

Digitized by srujanika@gmail.com

ଉପାୟ ଅଛ ? ଦେଖିଲେ ନ, ଏହି କାର୍ଯ୍ୟ ଉପରେ ବପ-କ୍ଷନକ । ଆପଣଙ୍କ ମସ୍ତକ ପର୍ଯ୍ୟନ୍ତ ଲାଠି ଉଠିଥିଲା ।

ନାରଦ—ଯଥାର୍ଥ ବୃନ୍ଦେ ! ସେ ଯାହା ହେଉ, ଶ୍ରୀମତୀଙ୍କ ସାକ୍ଷାତ ପାଇ ଶ୍ୟାମସୁନ୍ଦର ସୁଖୀ ଅଛନ୍ତି ତ ?

ବୃନ୍ଦା—ସୁଖ ! ଏହି ସୁଧାପାନରେ ତୃଷ୍ଣାର ନିବୃତ୍ତି କେଉଁ-ଠାରେ ? ଯେତକ ଏହା ପାନ କରିବେ, ତେତକ ତୃଷ୍ଣାର ବୃଦ୍ଧି ହେବ । ବର୍ତ୍ତମାନ ଶ୍ରୀମତୀଙ୍କ ସଙ୍ଗେ କୁଞ୍ଜ-ମିଳନାର୍ଥ ଶ୍ରୀକୃଷ୍ଣ ଅତ୍ୟନ୍ତ ବ୍ୟାକୁଳ; ତେଣୁ ଏହି ଦାସୀକୁ ଅତି ସାବଧାନରେ କାର୍ଯ୍ୟ କରିବାକୁ ହେଉଛି ।

ନାରଦ—ଏବେ ତୁମେ କେଉଁଠାକୁ ଯାଉଛ ?

ବୃନ୍ଦା—ଶ୍ୟାମସୁନ୍ଦର କୁଞ୍ଜ ମଧ୍ୟରେ ଶ୍ରୀମତୀଙ୍କ ଦର୍ଶନାର୍ଥ ଅସ୍ଥିର ହେଉଛନ୍ତି, ତେଣୁ ଶ୍ରୀମତୀଙ୍କୁ ସଙ୍କେତ ଦେବାକୁ ଆସିଛି ।

ନାରଦ—କିନ୍ତୁ ଗୃହର ସମସ୍ତେ ତ ଜାଗ୍ରତ ଅଛନ୍ତି; ବିଶେ-ଷତଃ ଶ୍ରୀକୃଷ୍ଣଙ୍କ ପ୍ରତି ସନ୍ଦେହ କରି ଏମାନେ ସତର୍କ ଅଛନ୍ତି; ଏପରି ସମୟରେ ଶ୍ରୀମତୀଙ୍କ ବହିର୍ଗମନ କିପରି ସମ୍ଭବ, ବୃନ୍ଦେ ?

ବୃନ୍ଦା—ଏହା ତ ଉପଯୁକ୍ତ ସମୟ । ବିଷସୀ ନଣନ୍ଦ ଅଭିମାନ କରି ଯମୁନାରେ ଝାସ ଦେବାକୁ ଧାଇଁଛି; ତାର

Digitized by srujanika@gmail.com

ଉଦ୍ଦେଶ୍ୟ ଆଜ୍ଞ କହୁ ନାହେଁ, ମା ସଖୀଙ୍କୁ ଧରା ନଦେଇ ଅନ୍ଧକାରରେ ବନେ ବନେ କିଛିକ୍ଷଣ ବୁଲି ମରୁଚ,—ସହଜରେ ଧରା ଦେବ ନାହିଁ । ଏଣେ ଶ୍ରୀମତୀ ମଧ୍ୟ ଏଥି ମଧ୍ୟରେ ବୃନ୍ଦାଙ୍କୁ ଫେରି ପାରିବେ । ଆପଣ ଆଗେ ଯାଇ କମଳ-ଦଳ-ଶୋଭିତ ଶ୍ରୀଯମୁନା ତଟସ୍ଥ କେଶର କୁଞ୍ଜେ ଅପେକ୍ଷା କରନ୍ତୁ; ଏହି ସମ୍ବାଦ ଦେଇ ପୌର୍ଣ୍ଣମାସୀଙ୍କୁ ସୁଦ୍ଧା କହି ଦିଅନ୍ତୁ ।

ନାରଦ—[ଅହ୍ଲାଦରେ] ତେବେ କି ବୃନ୍ଦେ, ସେ ସ୍ଥଳୀର ଅଭୂତ, ଅନିର୍ବଚନୀୟ ମାଧୁର୍ଯ୍ୟଭାବେ ବିଭାବିତ, ବ୍ରଜ-ମଧୂ ପରିବେଷ୍ଟିତ, ଅନନ୍ତ ମାଧୁର୍ଯ୍ୟମୟ, ଅନନ୍ତରସ-ମୟ ଶ୍ରୀରାଧା ମାଧବଙ୍କ ନିକୁଞ୍ଜ-ଲୀଳା-ରସ-ଆସ୍ୱାଦନ ଏହି ଅକିଞ୍ଚନର ଭାଗ୍ୟରେ ଘଟିବ ? ଆଜି ନାରଦର ଭାଗ୍ୟ କି ଏତେ ଦୂର ସୁପ୍ରସନ୍ନ ?

ବୃନ୍ଦା—ଅବଶ୍ୟ ଆପଣଙ୍କ ଅଭିଳାଷ ଏହି କ୍ଷଣି ପୂର୍ଣ୍ଣହେବ । ଯାନ୍ତୁ, ଆଉ ବିଳମ୍ବ କରନ୍ତୁ ନା ।

(ନାରଦ ପ୍ରଫୁଲ୍ଲମନେ ହରିଗୁଣ ଗାନ କରିକରି ପ୍ରସ୍ଥାନ କରନ୍ତେ ବୃନ୍ଦା ଗୀତ ଛଳରେ ଶ୍ରୀମତୀଙ୍କୁ ସଙ୍କେତ ଦେବାକୁ ଲାଗିଲେ)

ରାଗ--ହରିକାମ୍ବୋଜ । ତାଳ-ଆଦି ।

ଧୀର ସମୀରେ ଯମୁନା ତୀରେ
ବସତି ବନେ ବନମାଳୀ ।

Digitized by srujanika@gmail.com

ପୀନ ପୟୋଧର ପରସର ମର୍ଦ୍ଦନ
ଚଞ୍ଚଳ କରଯୁଗଶାଳୀ ।
ନାମ ସମେତଂ, କୃତ ସଙ୍କେତଂ
ବାଦୟତେ ମୃଦୁବେଣୁଂ ।
ବହୁମନୁତେ ନନୁତେ ତନୁସଙ୍ଗତ-
ପବନ ଚଳିତ ମପିରେଣୁଂ ।
ପତତି ପତତ୍ରେ, ବିଚଳିତ ପତ୍ରେ,
ଶଙ୍କିତ ଭବଦୁପ ଯାନଂ.
ରଚୟତି ଶୟନଂ, ସଚକିତ ନୟନଂ,
ପଶ୍ୟତି ତବ ପନ୍ଥାନଂ ।
ମୁଖର ମଧୀରଂ, ତ୍ୟଜ ମଞ୍ଜୀରଂ,
ରିପୁମିବ କେଳିଷୁ ଲୋଳଂ
ଚଳ ସଖି କୁଞ୍ଜଂ, ସତିମିର ପୁଞ୍ଜଂ,
ଶୀଳୟ ନୀଳ ନିଚୋଳଂ ।

[ଏହି ସାଙ୍କେତିକ ଗୀତ ଗାଇ ଗାଇ ବୃନ୍ଦା ପ୍ରସ୍ଥାନ କଲେ]

—o—

ଦ୍ୱିତୀୟ ଦୃଶ୍ୟ

[ଶ୍ରୀରାଧାଙ୍କ ଭବନ ସମ୍ମୁଖସ୍ଥ ପ୍ରାଙ୍ଗଣ । ବୃନ୍ଦାଙ୍କ ସାଙ୍କେତିକ ଗୀତ ଶ୍ରବଣରେ ଶ୍ୟାମଦର୍ଶନାକୁଳା ଶ୍ରୀରାଧା କୁଞ୍ଜବନ ଅଭିମୁଖେ ଯିବାକୁ ବ୍ୟସ୍ତ ଥିବା ସମୟେ ସହସ୍ତେ ଲଳିତା ଆସି ତାହାଙ୍କ ପଥରୋଧ କଲେ]

Digitized by srujanika@gmail.com

ଲଳିତା—ଏ କି ସଖି ! କେଉଁଠାକୁ ଯାଉଛ ?

ଶ୍ରୀରାଧା—(ଆତୁରରେ) କି ଉପାୟ କରିବି, ଲଳିତେ ? ଏହି ସମୟଟିରେ କିପରି ସେଠାରେ ଯାଇ ଉପସ୍ଥିତ ହେବି ?

ଲଳିତା— କେଉଁଠାକୁ ଯିବ ?

ଶ୍ରୀରାଧା—କେଉଁଠାକୁ, ଆଉରି ବୁଝି ପାରୁ ନାହିଁ ? ବୃନ୍ଦା ଗୀତ ଛଳରେ ମୋ ସଙ୍କେତ ଦେଇ ଗଲେ ଶୁଣି ନାହିଁ ?

ଲଳିତା—ଶୁଣିଛି; ତା ବୋଲି ଏହି ସମୟରେ କିପରି ତୁମେ ଯିବ ? ପିଶାଚମା ନଣନ୍ଦ ତ ପଥ ଅଗୁଳି ବସିଛି; ଚତୁର୍ଦ୍ଦିଗ ଅନ୍ଧକାରମୟ; ଶାଶୁ ନଣନ୍ଦ ସ୍ୱାମୀ ଚେତ ରହିଛନ୍ତି; ଘରେ ଅଛ କି ନାହିଁ ଜାଣିବା ସକାଶେ ସେମାନେ ପ୍ରତି ମୁହୂର୍ତ୍ତରେ ତୁମର ଅନୁସନ୍ଧାନ କରୁଛନ୍ତି । ଏପରି ଅବସ୍ଥାରେ କିପରି ଘରୁ ବାହାର ହେବାକୁ ସାହସିନୀ ହୋଇଛ, ସଖି ?

ଶ୍ରୀରାଧା—[ଆକୁଳରେ] ତେବେ କି ହେବ ଲଳିତେ ? ମୋର ପ୍ରାଣର ଶ୍ୟାମ ଯେ ମୋ ସକାଶେ ସଙ୍କେତ କୁଞ୍ଜରେ ଅପେକ୍ଷା କରିଛନ୍ତି । କହ ସଖି, କି ଉପାୟ କରିବି ? କିପରି ଶ୍ୟାମସୁନ୍ଦରଙ୍କୁ ଦେଖିବି ? ହୃଦୟବଲ୍ଲଭ କୁଞ୍ଜ ମଧ୍ୟରେ ମୋର ଆଶା-ପଥ ଚାହିଁ ବସିଥିବେ; ମୋର ବିଳମ୍ବ ଦେଖି କୁଞ୍ଜବନ ଯାକ କେତେ ଖୋଜୁଥିବେ—

Digitized by srujanika@gmail.com

ରାଗ —କୀର୍ତ୍ତବାଣୀ । ତାଳ-ରୂପକ ।

କୁଞ୍ଜବନ ଯାକ ଲୋଡ଼ୁ ଥିବେ କେତେ
ମୋତେତ ତ ମୋ ଜୀବ ଜୀବନ । ଘୋଷା ।
ପୁଚ୍ଛୁଥିବେ ପର ବୃନ୍ଦାଙ୍କୁ ଅକୁଟିଳ
କର ପଥ ଅବଲୋକନ । ଉ ଘୋଷା ।
୧-- ମିଳିଅଛି ଭାଗ୍ୟେ ଅମୂଲ୍ୟ ସମ୍ପତ୍ତି
ତାକୁ ଭୋଗିବାକୁ ନାହିଁ ତ ଶକତି,
ଧିକ ନାରୀ ଜନ୍ମ କି ଦେଲା ଦଇବ
ସଦା କଲ ପର ଅଧୀନ । କୁଞ୍ଜବନ— ।

ହାୟ ସଖି ! ଦାସୀକୁ ଦେଖିବା ସକାଶେ ସେ ଉଦ୍‌ଗ୍ରୀବ; ମୋର କଥା ଶୁଣିବାକୁ ସେ ଆକୁଳ । ଲଳିତେ ! ମୋତେତ ଆଉ ବାରଣ କରନାହିଁ ।

୨ ବନ୍ଧୁ ପୁଣ୍ୟ ବଳେ ପାଇଛୁ ରତନ
ବ୍ରଜ ଗୋପୀଙ୍କର ସାଧନାର ଧନ ।
ଛାଡ଼ଦିଅ ସଖି, ଯିବି ମୁଁ ବହନ
ଯା ବୋଲନ୍ତୁ ପଛେ କୁ-ଜନ । କୁଞ୍ଜବନ— ।

ଲଳିତା—ଛି ସଖି ! ମୋର ମିନତି ଶୁଣ, ମୋର ପ୍ରାର୍ଥନା ରଖ, ଫେରିଯାଅ; ଅନ୍ତତଃ ଅଳକ ସକାଶେ ଫେରି ଯାଅ ।

Digitized by srujanika@gmail.com

ଶ୍ରୀରାଧା—ନା ଲଳିତେ ! ମୋତେ ଆଉ ସେହି ଉପଦେଶ ଦିଅ ନାହିଁ । ବରଂ ଏତିକି କର, ଯେପରି ଏହି ମୁହୂର୍ତ୍ତରେ ଯାଇ କାନ୍ତ ମନ ପ୍ରାଣ ସର୍ବସ୍ୱ ଢାଳି ତାହାଙ୍କୁ ସୁଖୀ କରାଇବ ।

ଲଳିତା—କିପରି ଯିବ ? ମୁଁ ତ ତାର କୌଣସି ଉପାୟ ଦେଖୁନାହିଁ ।

[ହଠାତ୍ ଦୂରରୁ ମୁରଲୀ ନିନାଦ ଶ୍ରୁତ ହୁଅନ୍ତେ ଶ୍ରୀରାଧା ଚମକି ପଡ଼ିଲେ]

ଶ୍ରୀରାଧା—[ଆକୁଳରେ] ଏକି ସଖି !—ହାୟ ! ମୁଁ ଆଉ ରହି ପାରିବି ନାହିଁ, ମୋତେ ରକ୍ଷାକର, ରାଧା ନାମରେ ମୁରଲୀ ଡାକୁଛି । ଲଳିତେ ! ଛାଡ଼ ଛାଡ଼, ମୋର ପଥରୋଧ କର ନାହିଁ । ଏହିକ୍ଷଣି, ଏହି ମୁହୂର୍ତ୍ତରେ ପ୍ରାଣନାଥଙ୍କ ନିକଟରେ ଉପସ୍ଥିତ ନହେଲେ ମୋର ଜୀବନ ରହିବ ନାହିଁ ।

ଲଳିତା—ଉନ୍ମାଦିନି ! ସର୍ବନାଶ କରନାହିଁ । ତୁମେ ବଡ଼ ଘରର ବୋହୂ, ବଡ଼ଘରର କନ୍ୟା, ଉଚ୍ଚକୁଳ, ଉଚ୍ଚମାନ ସମ୍ଭ୍ରମ;—ନଷ୍ଟ କରିଦିଅ ନାହିଁ ରାଧେ, ନଷ୍ଟ କରି ଦିଅ ନାହିଁ । ଫେରି ଯାଅ, ଆଜିକି ସକାଶେ ଫେରି ଯାଅ—

Digitized by srujanika@gmail.com

ରାଗ—ଚୌତାଡ଼ି । ତାଳ—ରୂପକ ।

ଯେନ ସଖି ବନସ୍ତୁ ବଚନ
ଫେର ଯାଅ ଗୃହେ ବଦନ । ଘୋଷା ।

୧ କୋମଳ ପ୍ରାଣେ କଳଙ୍କ ଜ୍ୱାଳା
ସହିବେନ ନାହିଁ ଜାଣ । ଯେନ—

୨ ରହି ପାହିଲେ ଯତନ କରି
ମିଳାଇବ ଶ୍ୟାମେ ନଦାନ । ଯେନ—

ନଣନ୍ଦ, ସାସୁ, ସ୍ୱାମୀ ସମସ୍ତେ ଶ୍ୟାମସୁନ୍ଦରଙ୍କୁ ଧରିବା ସକାଶେ ଚହାନ୍ତ କରି ବସିଛନ୍ତି; ମୋର ମିନତି ଶୁଣ, ଫେରି ଯାଅ ।

ଶ୍ରୀରାଧା—[ସରୋଦନ] ଯଥାର୍ଥ ତ ସେ କଥା ମୋର ମନେ ନଥିଲା । ହୃଦୟୁ ବଲ୍ଲଭଙ୍କୁ ଧରିବା ସକାଶେ କୁଟିଳା ନଣନ୍ଦ ସହସ୍ର ଚେଷ୍ଟାକରି ଘୁରିଆଡେ ଘୁରୁଛନ୍ତି;—

ଲଳିତା—ତେଣୁ କହେ, ରାଧାନାଥଙ୍କ ମର୍ଯ୍ୟାଦା ରଖିବାକୁ ନିଜର ମର୍ଯ୍ୟାଦା ରଖିବାକୁ, ଅଟକ ସକାଶେ ଫେରି ଯାଅ । (ଅଭିମନ୍ୟୁଙ୍କ ଗୃହାଭ୍ୟନ୍ତରେ କୋଳାହଳ ଶୁଣି) ଶୁଣ, ତୁମ ସ୍ୱାମୀଙ୍କ କଣ୍ଠସ୍ୱର,—ଏଇ ଶୁଣ, ସାସୁଙ୍କ ତିରସ୍କାର; ଶୀଘ୍ର ଗୃହ ମଧ୍ୟରେ ପ୍ରବେଶ କର, ଦେଖି ଦେଲେ ଆଉ ମହତ ରଖିବେ ନାହିଁ । ମୋ କଥା ରଖ, ଫେରି ଯାଅ ।—

Digitized by srujanika@gmail.com

[ପୁନର୍ବାର ଦୂରେ ବଂଶୀ ବଜାଇବା ହେଲା]

ଶ୍ରୀରାଧା—[ଘନ ଘନ ପୁଲକିତ ଓ କମ୍ପିତ ହୋଇ]ପୁନର୍ବାର !—ପୁନର୍ବାର ! ଏଇ ଶୁଣ ଲଳିତେ ! ପୁନର୍ବାର ବଂଶୀ ବଜୁଛି, ଅହା ହା ! କି ପ୍ରାଣୋନ୍ମାଦକର ଧ୍ୱନି ! ଧ୍ୱନିର ତରଙ୍ଗେ ତରଙ୍ଗେ ମୋ ଜୀବନର ସମସ୍ତ ସାଧନ ନୃତ୍ୟ କରି ଉଠୁଛି । ଲଳିତେ ! ସଖି ! ମୋତେ ରକ୍ଷାକର,—ଓହୋ ! ମୁଁ ଯେ ଭୁଲେ । ହାୟ ସଖି ! ମୋର ଗତି କି ହେବ ? ହାୟ ! ମୁଁ ଅଭାଗିନୀ କି କାଳ-ଯମୁନାକୁ ସ୍ନାନ କରିବାକୁ ଯାଇଥିଲି ।—

(ପୁନର୍ବାର ଦୂରେ ବଂଶୀ ଧ୍ୱନିତ ହେଲା, ଶ୍ରୀରାଧା ଆକୁଳରେ କହିଲେ) ହା ସଖି !—[କମ୍ପିତ ହୋଇ ଲଳିତାଙ୍କୁ ପୋଟାଳି ଧରିଲେ]

ଲଳିତା—ହା କାତ୍ୟାୟନି ! ଏ କି କଲ ! ଶ୍ରୀକୃଷ୍ଣ ପ୍ରେମରେ ପ୍ରାଣସଖୀ ତ ଉନ୍ମାଦିନୀ ହୋଇ ଗଲେଣି । ରକ୍ଷାକର ମା, ଏହି ଅବସ୍ଥାରେ ତୁମ୍ଭେହିଁ ଏକମାତ୍ର ଗତି । ଯେବେ ଶ୍ରୀକୃଷ୍ଣ-ଦର୍ଶନ କରାଇଲ, ତେବେ ଏମାନଙ୍କ ମିଳନ-ସୁଖରେ ଏତେ ପ୍ରତିବନ୍ଧକ ରଖିଛ କାହିଁକି ? [ଶ୍ରୀରାଧାଙ୍କ ପ୍ରତି] ସଖି !- ସଖି !- ଉନ୍ମାଦିନି ! ଏହା କି କୁଳବଧୂର କାର୍ଯ୍ୟ ?

ଶ୍ରୀରାଧା—ଲଳିତେ!- ପ୍ରାଣ ସଖି ! ଗୃହ ମଧ୍ୟକୁ ଫେରିଯାଅ; ଆଉ ମୋତେ ଫେରାଇବାର ଚେଷ୍ଟା କର ନାହିଁ ।

Digitized by srujanika@gmail.com

ମୋର କୁଳ, ଶୀଳ, ସମସ୍ତ ଶେଷ ହେଲଣି; ଅଦ୍ୟାବଧି ମୁଁ ସେହି ସମସ୍ତରେ ଜଳାଞ୍ଜଳି ଦେଲି ।—

ରାଗ—ହନୁମାନ ତୋଡ଼ି । ତାଳ-ଅଦ୍ଧ ।

ଦେଲି ସଖି କୁଳେ ଜଳାଞ୍ଜଳି

କଲି ଶ୍ୟାମ ପ୍ରୀତିକି ମୋ ଜୀବନର ସଙ୍ଗାଳି । ଘୋଷା ।

୧— କୋଟିଜନ୍ମ ପୁଣ୍ୟ ଫଳେ ଲଭିଛି ରତନ ହେଳେ
ପୂଜିବି ପଦ-କମଳେ ମନ ପରାଣ ଢାଳି । ଦେଲି— ।

୨— ଶ୍ୟାମଳ ସୁଷମା ରାଶି ଧ୍ୟାନ କରି ଦିବାନିଶି
ଶ୍ୟାମ ନାମ ଘୋଷିଘୋଷି ଜପିବି ଜପାମାଳୀ । ଦେଲି—

୩— ନାହିଁ ମୋ ଅନ୍ୟ ଭରସା ନାହିଁ ଆନ ସୁଖ ଆଶା
ଲୋଡ଼ଇ ମୁଁ ଏହି ସୁଦଶା ଥିବ ସେ ପ୍ରେମ ଭଳି । ଦେଲି-

ଶୁଣ ସଖି ! ମୋତେ ଆଉ ବାରଣ କର ନାହିଁ ।

[ହଠାତ୍ ଚପଳ ପଦେ ବୃନ୍ଦା ଆସି ଉପସ୍ଥିତ ହେଲେ]

ବୃନ୍ଦା—ହେଉଛି ତ ବୃନ୍ଦାବନ ବିଳାସିନୀ ।— ଆହୁରି ତୁମ୍ଭେ ଏଠାରେ ? ଚାଲ, ଶୀଘ୍ର ଚାଲ, ଶ୍ୟାମସୁନ୍ଦରଙ୍କ ଅବସ୍ଥା ଥରେ ସ୍ୱଚକ୍ଷୁରେ ଦେଖିବ ଆସ ।

ଲଳିତା—କପରି ଯିବେ ବୃନ୍ଦେ ? ଘରେ ଯେ ସାସୁ, ନଣନ୍ଦ, ସ୍ୱାମୀ ଜାଗରିତ ?

ବୃନ୍ଦା—(ସହାସେ) ଲଳିତେ ! ତୁମେ କି ବାଉଳି ହେଲ ? ସେମାନଙ୍କର ସାଧ୍ୟ କି ଯେ ଶ୍ରୀମତୀଙ୍କ ଶ୍ରୀକୃଷ୍ଣ-ମିଳ-

Digitized by srujanika@gmail.com

ନରେ କୌଣସି ବାଧା ଦେଇ ପାରିବେ ? ବିଶେଷତଃ ଦେଖ, ନାହିଁ, ଶ୍ରୀମତୀଙ୍କ ମନ, ପ୍ରାଣ, ସମସ୍ତ ଅନେକ ସମୟରୁ ଶ୍ୟାମ ପଦରେ ଯାଇ ଉପସ୍ଥିତ ହେଲାଣି ? ବର୍ତ୍ତମାନ ଏହି ପ୍ରାଣଶୂନ୍ୟ କାୟାଟିକୁ ଏଠାରେ ରଖିବା ଫଳ କି ? ତୁମେ କୌଣସି ଆଶଙ୍କା କର ନାହିଁ, ଚାଲ ଶୀଘ୍ର ।

[ସମସ୍ତେ ପ୍ରସ୍ଥାନ କଲେ ।]

ତୃତୀୟ ଦୃଶ୍ୟ

(ରଜନୀ ଦ୍ୱିତୀୟ ପ୍ରହର; ସୁସଜ୍ଜିତ କେଳିର କୁଞ୍ଜ; ମନୋହର କୁସୁମାସନୋପରି ଶ୍ରୀରାଧାକୃଷ୍ଣ ଆସୀନ; ମଞ୍ଜରୀ ଓ ଦାସୀଗଣ ବିବିଧ ସେବାରେ ନିଯୁକ୍ତ; ସଖୀମାନେ ପ୍ରଫୁଲ୍ଲମନେ ଗୀତ ଓ ନୃତ୍ୟ କରୁଅଛନ୍ତି) ।

ରାଗ—ଧୀରଶଙ୍କରାଭରଣ । ତାଳ ରୂପକ ।

ମଞ୍ଜୁ କୁଞ୍ଜକାନନେ ପୁଞ୍ଜ ସୁଷମା ରାଜି

ହୃଦୟେ ହୃଦୟେ ପ୍ରେମ ଲହରୀ ନୃତ୍ୟ କରଇ ଅଜ । ଘୋଷା

୧—ଫୁଲ୍ଲ କୁସୁମ ମାଧୁରୀ ହେରି ମତ୍ତ ମଧୁପ ଝଙ୍କାର
ମନ୍ଦମଳୟ ମାରୁତେ ଭାସି ଛୁଟଇ କେତେ ସୁରଭି ।
ସରଳା ବାଳିକା ଅବଳାପାଶେ ମୁଗ୍ଧ ପ୍ରଣୟୀ ସାଜ । ମଞ୍ଜୁ—

Digitized by srujanika@gmail.com

(ହଠାତ୍ ସଜସ୍ତ୍ରେ ବିଶାଖା ପ୍ରବେଶ ହେଲେ)

ବିଶାଖା—[ଆକୁଳରେ] ସଖି ! ସର୍ବନାଶ ଉପସ୍ଥିତ ! କୁସୁମ ଚୟନ କରିବାକୁ ଯାଇ ଦେଖି ଆସିଲି, କୁଟିଳା ପିଶାଚମା ଏଆଡ଼େ ଆସୁଛି ! ବୋଧହୁଏ ସେ କୌଣସି ପ୍ରକାରେ ଆମର ସନ୍ଧାନ ପାଇଥିବ ।

ଶ୍ରୀରାଧା—(ଭୟ ଓ ଆକୁଳରେ) ହାୟ ହରି ! ବର୍ତ୍ତମାନ ମୋର ଗତି କି ? ବୋଧହୁଏ, ମୋତେ ଗୃହରେ ନ ଦେଖି ସନ୍ଦେହ କରି ମୋ କଳଙ୍କର ସୁସ୍ପଷ୍ଟ ପ୍ରମାଣ ଦେବା ସକାଶେ ଦୁଷ୍ଟା ତାର ଭ୍ରାତାଙ୍କୁ ସଙ୍ଗେ ଘେନି ନିଶ୍ଚୟ ଏଠାକୁ ଆସୁଛି ।

ଲଳିତା—ହାୟ ହରି ! ସ୍ୱପ୍ନରେ ସୁଦ୍ଧା ଭାବି ନଥିଲୁ ଦୁର୍ଭାଗ୍ୟ ରୂପ ପବନ ତାଡ଼ନେ ଆମମାନଙ୍କ ସୁଖ-ଦୀପ ଏତେ ଶୀଘ୍ର ନିର୍ବାପିତ ହେବ ।

ବୃନ୍ଦା—ଦୟାମୟ ! ଦୟାକରି ତୁମ ଚରଣାଶ୍ରିତା ଦାସୀମାନଙ୍କୁ ଏହି ଘୋର ବିପଦରୁ ଉଦ୍ଧାର କର ।

ଦୂରରୁ କୁଟିଳା—ନନା ! ପ୍ରଥମେ ସେହି ହତଭାଗା କୃଷ୍ଣର ଦାନ୍ତଗୁଡ଼ିକ ଭାଙ୍ଗିଦିଅ, ପରେ ଅନ୍ୟ କଥା ।

ଶ୍ରୀରାଧା—[ଆକୁଳରେ] ହାୟ ! ବିପଦ ବାନ୍ଧବ ! ଆଜ କେତେବେଳେ ଆମ୍ଭମାନଙ୍କୁ ରକ୍ଷା କରିବ ? ହେଟି

Digitized by srujanika@gmail.com

ଦେଖ, ବୃଦ୍ଧତ୍ୱ ଯଷ୍ଟି ହସ୍ତେ ମୋର କ୍ରୋଧାନ୍ଧ ପଣ୍ଡ
ଅସି ଉପସ୍ଥିତ ହେଲେଣି !

(ଶ୍ରୀକୃଷ୍ଣ ସହସା କାଳୀମୂର୍ତ୍ତି ଧାରଣ କଲେ ଏବଂ ଶ୍ରୀରାଧା
ସଖୀମାନଙ୍କ ସହ କାଳୀ ପୂଜାରେ ନିଯୁକ୍ତ ହେଲେ)

ରାଗ—ମେଚକଲ୍ୟାଣୀ । ତାଳ-ରୂପକ ।

ଶଙ୍କର ହର ଅଙ୍କ ଶୋଭନା
ପଙ୍କଜାନନା ତାରା । ଘୋଷା ।
ସତତ ଚିନ୍ତ୍ୟ ଅତି ଦୁରନ୍ତ
ଅନ୍ତକ ଭୟ ହାରା । ଘ. ଘୋଷା ।

୧— ଶ୍ୟାମା କିଙ୍କରୀ ରଙ୍ଗ ରତନ
ଭଜିଲେ ତୁଟିବ ସଙ୍କଟ ଜାଣ ।
ଭକ୍ତ ଉଦ୍ଦେଶ୍ୟ ସନ୍ତତ ଝରେ
ମୁକ୍ତିର ଶତଧାରା ।
ସଙ୍କଳ ପରଶେ ବନ୍ଧବ ଯେବେ
ନିରହ୍ୱବ ମୋହ ଘନ
ବିବିଧ ଛନ୍ଦେ ବିମଳାନନ୍ଦ
ଅମୀୟ ଦୋରବନ୍ଦ
ଛେଦ ସଂସାର ଶତ ବନ୍ଧନ
ଉଠାଅ ଗଗନେ ଅର୍ଘ୍ୟ ବନ୍ଦନ
ଦେଖ ହୃଦୟର ଫୁଲ ଚନ୍ଦନ
ବନ୍ଦନେ ଆପ୍ତହାରା । ଶଙ୍କର —।

Digitized by srujanika@gmail.com

[ଅଭିମନ୍ୟୁ କୁଟିଳା ସହିତ ପ୍ରବେଶି ସମ୍ମୁଖରେ ଏହି ଅପ୍ରତ୍ୟାଶିତ ଅପୂର୍ବ ଦୃଶ୍ୟ ଅବଲୋକନରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଗଲେ]

ଅଭିମନ୍ୟୁ—ରାଗ—ବେହାଗ, ତାଳ—ରୂପକ ।

କାହିଁ ଗୋ କୁଟିଳେ ବଂଶୀପାଣି
ଏ ତ କାଳୀ କପାଳିନୀ ।
ଏ ଯେ ଯତନେ ରାଧିକା ହୃଜନ୍ତି କାଳିକା
କିଆଁ ବୋଲ ରାଧା କଳଙ୍କିନୀ । ଘୋଷା ।

୧—ନାହିଁ ତ କୁସୁମମାଳ' ପୁଣି
ଏଯେ ନୃମୁଣ୍ଡମାଳିନୀ
କଟିତଟେ ପୀତ ଧଟି ନ ଦିଶଇ
[କୋଟି] କୋଟି କର ହସ୍ତେ ସୁଶୋଭିନୀ ।

୨—ଲହଲହ ଜିହ୍ୱା ଲୋହିତ-ଲୋଚନୀ
ଶୋଣିତ ଖଡ୍‌ଗ ଧାରିଣୀ
କାଳ ବଦନ ବିକଟାଳ ରୂପ
[ତୁମେ] ଦେଖିହେଲ କିବା ପାଗଳିନୀ ।

(ଘୋଷା ଅନୁଯାୟୀ ୧ ଓ ୨ ପଦ ଗାଇବାକୁ ହେବ)

ମା ଜଗଦମ୍ବା ! (ସାଷ୍ଟାଙ୍ଗେ ପ୍ରଣିପାତ ହେଲେ) ମା ! ମା ! ଆଜ ମୋର କି ସୁପ୍ରଭାତ ! ଏତେ ଦିନରେ ଜନନୀଙ୍କ ଶ୍ରୀଚରଣ ଦର୍ଶନ କରି ଅଭିମନ୍ୟୁ କୃତାର୍ଥ ହେଲା । (ଶ୍ରୀରାଧାଙ୍କ ପ୍ରତି) ପିସ୍ନେ ! କ୍ଷୁଦ୍ର ପାରିଜାତ କୋରକେ ଯୋଜନବ୍ୟାପୀ ସୁଗନ୍ଧ

Digitized by srujanika@gmail.com

ପ୍ରାୟ ତୁମ ହୃଦୟ ଯେ ଏପରି ଉଚ୍ଚ ଧର୍ମ ଭାବରେ ମଣ୍ଡିତ, ତାହା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । କୁଲୋକଙ୍କ କୁକଥାରେ ବିଶ୍ୱାସ କରି ବହୁମୂଲ୍ୟ ହୀରକକୁ ତୁଚ୍ଛ ଉପଳ ଖଣ୍ଡ ଭାବନାରେ, ସୁକୋମଳ କୁସୁମମାଳାକୁ ସର୍ପ ଭ୍ରମରେ ଦୂର କରୁଥିଲି; କିନ୍ତୁ ଆଜ ଜାଣିପାରିଲି, ତୁମପରି ଗୁଣବତୀ ରମଣୀ ଏହି କୁଟିଳତାମୟ ସଂସାରରେ ସମ୍ପୂର୍ଣ୍ଣ ଦୁର୍ଲଭ । ଏପରି ସ୍ୱଧର୍ମ-ପରାୟଣା ସ୍ତ୍ରୀ-ରତ୍ନ ଲାଭ କରି ମୋର ସୌଭାଗ୍ୟର ସୀମା ନାହିଁ । କିନ୍ତୁ ଏ କି ସର୍ବନାଶ ! କ୍ରୋଧାନ୍ଧ ହୋଇ ମୁଁ ମୋର ମଙ୍ଗଳ ଘଟ ପଦାଘାତେ ଚୂର୍ଣ୍ଣ କରିବାର ସଙ୍କଳ୍ପ କରିଥିଲି । ଓଃହୋ ! ତାହା ହେଲେ କିପରି ତାପ ଭୋଗ କରିବାକୁ ହୁଅନ୍ତା !

ଶ୍ରୀରାଧା—ମୁଁ ସଖୀମାନଙ୍କ ସଙ୍ଗେ ନିର୍ଜନରେ ଏହି ଦେବତାଙ୍କ ପୂଜା କରିବାକୁ ଆସେ; ସେଥିପାଇଁ ନାନା ଲୋକେ ନାନା ପ୍ରକାର କୁତ୍ସା ରଟନା କରନ୍ତି । ମୋ ମନରେ ପାପ ନାହିଁ; ତେଣୁ ସେମାନଙ୍କ କଥା ମୁଁ ଗ୍ରାହ୍ୟ କରେ ନାହିଁ ।

ଅଭିମନ୍ୟୁ—ଠିକ୍ କଥା, ପ୍ରଥମେ ମୁଁ ମଧ ପ୍ରତାରିତ ହୋଇଥିଲି ।

କୁଟିଳା—(ଆଶ୍ଚର୍ଯ୍ୟରେ ସ୍ୱଗତ) ଏ ମା ! ଏ କି ଇନ୍ଦ୍ରଜାଲ ! ଏହା ସ୍ୱପ୍ନ ନା ସତ୍ୟ ଘଟଣା ?

Digitized by srujanika@gmail.com

ଅଭିମନ୍ୟୁ—(କ୍ରୋଧ ଓ ଉତ୍କଣ୍ଠାରେ) କାହିଁ କୁଟିଳେ ? କୃଷ୍ଣ
କେଉଁଠାରେ ? ଭସ୍ସ ତେଜ କରି ଯେ ଆସିଥିଲ;
ଏବେ ମୁଖରୁ କଥା ବାହାରୁ ନାହିଁ କାହିଁ କି ?

ଲଳିତା—ମିଥ୍ୟା ଧରାପଡ଼ିବାରୁ ତ ଲଜ୍ଜାରେ ପଡ଼ିଗଲେଣି !
ପର ନାମରେ ଏପରି ମିଥ୍ୟା ଅପବାଦ ଦେବାର
ଆବଶ୍ୟକ କି ?

କୁଟିଳା—(ସ୍ୱଗତ) ନା, ଏଠାରେ ରହିଲେ ଆଉ ରକ୍ଷା ନାହିଁ ।
ଅଧିକ ସମୟ ରହିଲେ ଅପମାନର ସୀମା ରହିବ ନାହିଁ;
ଏଠାରୁ ଖସି ପଡ଼ିବା ଭଲ । (ଧୀରେ ଧୀରେ ପ୍ରସ୍ଥାନ
କଲେ)।

ବୃନ୍ଦା—(ସହାସେ) ଦେଖ, ତୁମ ଭଉଣୀ କପର ଧୀରେ
ଧୀରେ ଚାଲୁଛନ୍ତି ।

ଅଭିମନ୍ୟୁ—ଯାଉ, ସେହି ମିଥ୍ୟାବାଦୀଙ୍କର କଥା ଆଉ ଧର
ନାହିଁ । (ଶ୍ରୀରାଧାଙ୍କ ପ୍ରତି) ପ୍ରିୟତମେ ! ତୁମ ଅନ୍ତରର
ମହତ୍ ଉଦ୍ଦେଶ୍ୟ ବୁଝି ନପାରି ତୁମ ବିମଳ ଚରିତ୍ରରେ
ସନ୍ଦେହ କରିଥିଲି; ସେଥିପାଇଁ ତୁମ ନିକଟରେ ସବିନ-
ୟରେ କ୍ଷମା ପ୍ରାର୍ଥନା କରୁଛି । ଅଦ୍ୟାବଧି ତୁମର
ଇଚ୍ଛାନୁଯାୟୀ ଦେବୀଙ୍କ ଅର୍ଚ୍ଚନା ସକାଶେ ଏଠାକୁ
ଆସିପାର । ବର୍ତ୍ତମାନ ରାତ୍ର ଅନେକ ହେଲାଣି, ଯଥା
ଶୀଘ୍ର ପୂଜା ସାରି ଗୃହକୁ ଫେରିଆସ, ମୁଁ ଯାଏ ।

(କାଳୀଙ୍କୁ ଦଣ୍ଡପ୍ରଣାମ କରି ଅଭିମନ୍ୟୁ ପ୍ରସ୍ଥାନ କଲେ)

Digitized by srujanika@gmail.com

ବୃନ୍ଦା—ଧନ୍ୟ ହରି ! ଧନ୍ୟ ତୁମ୍ଭର ଅଦ୍ଭୁତ ଲୀଳା !

ଶ୍ରୀରାଧା—ପ୍ରେମମୟ ! ଏହି କପଟମୂର୍ତ୍ତି ମୋର ସହ୍ୟ ହେଉ ନାହିଁ, ଶୀଘ୍ର ଏହା ସମ୍ବରଣ କର ।

(ଶ୍ରୀକୃଷ୍ଣ ପୁନର୍ବାର ନିଜ ମୂର୍ତ୍ତି ଧାରଣ କଲେ)

ବିଶାଖା—ନଟବର ! ଏକବାର ସ୍ୱର୍ଣ୍ଣଲତା ଶ୍ରୀମତୀଙ୍କୁ ବାମେ ଦେଇ ଉଭା ହୁଅ, ତୁମର ଦାସୀଗଣ ସେହି ଯୁଗଳ-ମୂର୍ତ୍ତିର ଅତୁଳ ଶୋଭା ନୟନ ପୂର[redacted] କରିବେ ।

ଶ୍ରୀକୃଷ୍ଣ—(ସହାସ୍ୟେ) ଅୟି ପ୍ରିୟେ ! ତୁମ ସଖୀମାନଙ୍କ ଅଭି-ଳାଷ ପୂର୍ଣ୍ଣକର ।

(ଶ୍ରୀରାଧା କୃଷ୍ଣ ଉଭୟେ ଯୁଗଳଭାବେ ଦଣ୍ଡାୟମାନ ହେଲେ, ତତ୍‌କ୍ଷଣେ ସଖୀମାନେ ଆନନ୍ଦରେ ଆତ୍ମହରା ହୋଇ ନୃତ୍ୟ ଓ ଗୀତ ଦ୍ୱାରା ନିଜର ବିପୁଳ ଅହ୍ଲାଦ ପ୍ରକାଶ କରିବାକୁ ଲାଗିଲେ) ।

ରାଗ—ଶଙ୍କରାଭରଣ, ତାଳ-ଅଦ୍ଧ ।

ହାୟ ହାୟ ହାୟ କି ସୁଦିନ
ହେଲା କେତେ କାଳେ ଆମ୍ଭ ଅଭୀଷ୍ଟ ପୂରଣ । ଘୋଷା ।

୧—ବିଧାତା ଦୟାବାନ କରନ୍ତୁ ନିରୂପଣ
ଭକତ ଜନ ମନ ଜାଣି ବିଧାନ

Digitized by srujanika@gmail.com

– ହାସ୍ୟରେ ହାସ୍ୟ ମଟେ ଯା ନଥାଇ
ଭାଗ୍ୟ ଆସି ଘଟିବ ପୁଣ । ହାସ୍ୟ—।

୨—ଶ୍ୟାମ ନୀରଦ ଟିକାଳେ ପ୍ରେମ-ଅମିୟ ବୋଳେ
ହେମ-ଚପଳା ଖେଳେ ହା କ ମଞ୍ଜୁଳେ
ହାସ୍ୟରେ ହାସ୍ୟ କ ଅନନ୍ଦମୟ
[redacted]ଜ କୁଞ୍ଜବନ । ହାସ୍ୟ—।
[redacted]ାପକୁଳେ କୋଟି ପୁଲକ ବଳେ
[redacted]ହେଲେ ସେବ ଯୁଗଳେ
[redacted] ରାଧାକୃଷ୍ଣ ଧାଇ
[redacted]ଳ ଜୀବନ । ହାସ୍ୟ—।

(ଯବନିକା ପତନ)

—○—

ସମାପ୍ତ

ଶ୍ରୀ ରସିକରାଜ ଚରଣାର୍ପଣମସ୍ତୁ

Digitized by srujanika@gmail.com

ମନ୍ତବ୍ୟ

ଶ୍ରୀମାନ୍ ପ୍ରହ୍ଲାଦ ପରିଚ୍ଛଙ୍କର ରଚିତ ସେହି "ନଟବାଙ୍କା ନାଟକ" [illegible] ଦୃଶ୍ୟକାବ୍ୟଟିର ପାଣ୍ଡୁଲିପି ମୁଁ ଆମୂଳଚୂଳ ପାଠକରି [illegible] ଲାଭ କରିଅଛି । କାବ୍ୟ ମଧ୍ୟରେ ନାଟକ ଶ୍ରେଷ୍ଠ ବୋଲି ପୂର୍ବତନ ଅଳଙ୍କାରିକମାନେ ତ ନିର୍ଦ୍ଦେଶ କରି ଯାଇ ଅଛନ୍ତି । ତହିଁରେ ପୁଣି ବସ୍ତୁଗତ ମାଧୁର୍ଯ୍ୟ ଯେବେ ତାହାର ସେ ଅଧିକ ସୌଷ୍ଠବ ବଢ଼ିଥାଏ, ତାହା ବୋଲିବା ବାହୁଲ୍ୟ ମାତ୍ର । ଆଲୋଚ୍ୟ ନାଟକଟି ଦୃଶ୍ୟ କାବ୍ୟ ମଧ୍ୟରେ ଗୋଟିଏ କ୍ଷୁଦ୍ରତମ ଅଭିନୟ ହେଲେହେଁ ଏଥିରେ ଯେଉଁ ଭାରତୀୟ ରସରତ୍ନାକରର ଉଜ୍ଜ୍ୱଳତମ ରସନିର୍ଝର ବହିଅଛି, ଏହା ଭାରତବର୍ଷର ଶ୍ରୀମଦ୍ ଭାଗବତାଦି ପୂଜ୍ୟତମ ଗ୍ରନ୍ଥାବଳୀରେ ଶ୍ରୀକୃଷ୍ଣ ଭଗବାନଙ୍କର ଅପୂର୍ବ ଯେଉଁ ରାସଲୀଳା ମାଧୁର୍ଯ୍ୟ ପରିସ୍ଫୁଟ ହୋଇଅଛି, ତହିଁରୁ ଭାଗ୍ୟବାନ୍ ଭକ୍ତ ଭାବୁକମାନେ ଏକା କଣିକା କଣିକା ଉପଭୋଗ କରି କୃତାର୍ଥ ହୁଅନ୍ତି । ଆଲୋଚ୍ୟ ପୁସ୍ତିକାଟି ନବୀନ ଲେଖକ ଯେ ଭଲ ସଂଗଠନ କରି ଅଛନ୍ତି, ସେଥିରେ ତାଙ୍କର ଶ୍ରୀକୃଷ୍ଣ ପ୍ରେମ ଭକ୍ତିର ଅସ୍ଫୁଟ ଆଭାସ ଉପଲବ୍ଧି ହୁଏ । ଲେଖକଙ୍କ ଲେଖାର ପରିପାଟୀ ନବ୍ୟ ପ୍ରାଚୀନ ଭାବର ସମନ୍ୱୟ ବୋଧ କରାଉ ଅଛି । ଗୀତଗୁଡ଼ିକ ସରଳ ରାଗରାଗିଣୀ ସମ୍ବଳିତ । ଭାଷା ଓ ଭାବ ସରଳ ଓ ମନୋହର ହୋଇଅଛି ।

ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ
ମହନ୍ତ ରାଧାକାନ୍ତ ମଠ, ପୁରୀ,

Digitized by srujanika@gmail.com

ଶ୍ରୀଯୁତ ସିଦ୍ଧାନ୍ତ ପଣ୍ଡିତଙ୍କ ବିରଚିତ "ନବୋଢ଼ୁଆ" ନାଟକକୁ ଶ୍ରବଣ କରି ମୁଁ ସନ୍ତୋଷିତ ହୋଇଅଛି । ତାହା ସୁମଧୁର ସୁଯୁକ୍ତ ଗୀତ ଗଦ୍ୟ ସନ୍ଧତା ହୋଇ ଶ୍ରୋତୃଜନ ମନଆକର୍ଷଣ କରଇ । ତାର ଅଭିନୟ ଦର୍ଶନରେ ଦର୍ଶକମାନଙ୍କ ଅବଶ୍ୟ ଅନନ୍ଦ କଲ୍ଲୋଳିତ ହୃଦୟାରବନ୍ଦ ହେବ, ସନ୍ଦେହ ନାହିଁ । ତାହା ମୁଦ୍ରିତ ହୋଇ ପ୍ରକାଶିତ ହେଲେ ଭଲ ହୁଅନ୍ତା । ଇତି ।

ବଣାଝଘାଟଣା,
୧୭ । ୯ । ୨୭

ଶ୍ରୀ ଲକ୍ଷ୍ମଣଦେବବର୍ମା

ବ୍ରହ୍ମପୁର "ଆଶା" ପ୍ରେସ୍‌ରେ ମୁଦ୍ରିତ ।

Digitized by srujanika@gmail.com